# ୨୩

# ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଋଷ ବିପ୍ଲବ :

ଊନବିଂଶ ଶତାବ୍ଦୀର ମଧ୍ୟଭାଗ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରଥମ ବିଶ୍ୱଯୁଦ୍ଧ ଏବଂ ୧୯୧୭ର ଋଷ ବିପ୍ଲବ କ୍ରମାଗତ ବର୍ଦ୍ଧିଷ୍ଣୁ ଘଟଣାମାନଙ୍କର ପରିଣାମ ଥିଲା । ଏହି ଉଭୟ, ଅନେକ ମହତ୍ୱପୂର୍ଣ୍ଣ ଘଟଣାମାନ ଥିଲା ଏବଂ ଏହାଦ୍ୱାରା ଲକ୍ଷଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ଏହି ଦୁଇଟି ସାମଗ୍ରୀକ ଭାବରେ ବିଂଶ ଶତାବ୍ଦୀକୁ ପ୍ରଭାବିତ କରିଥିଲା ତଥା ଏକ ନୂତନ ରୂପରେଖ ପ୍ରଦାନ କଲା ।

## ଉଦ୍ଦେଶ୍ୟ :

ଏହି ପାଠର ଅଧ୍ୟୟନ କରିବା ପରେ ତୁମ୍ଭେ :

- ଏମିତି କେତେକ ଘଟଣାର ପରିଚୟ ପାଇବେ, ତାହା ୧୯୧୪ର ଯୁଦ୍ଧର କାରଣ ହୋଇଥିଲା ଏବଂ ଏହି କଥା ଉପରେ ଚର୍ଚ୍ଚା କରିପାରିବ ଯେ କ'ଣ ଯୁଦ୍ଧର ଏମିତି ଘଟଣା ବର୍ତ୍ତମାନ ବିଶ୍ୱରେ ମଧ୍ୟ ମହଜୁତ ଅଛି ?
- ୧୯୧୭ର ଋଷୀୟ ସାମ୍ରାଜ୍ୟରେ ହିଁ ଏହି କ୍ରାନ୍ତୀ କେମିତି ସମ୍ଭବ ହେଲା ତଥା କୌଣସି ଅନ୍ୟ ଦେଶର କ୍ରାନ୍ତି କାହିଁକି ହେଲା ନାହିଁ ଏହାର ବାଖ୍ୟା କରିପାରିବ ।
- ଉଭୟ ଯୁଦ୍ଧ ଏବଂ ଋଷି କ୍ରାନ୍ତିର ତତ୍କାଳିନ ଓ ଦୀର୍ଘକାଳ ପରିଣାମ ମାନ ବଶ୍ଲେଷଣ କରିପାରିବ; ଏବଂ
- ଭାରତ ପାଇଁ ଏହି ଯୁଦ୍ଧ ଏବଂ ଏହି କ୍ରାନ୍ତିର କ'ଣ ସାର୍ଥକତା ଅଟେ, ଏହା ଉପରେ ଚର୍ଚ୍ଚା କରିପାରିବ ।

## ୨୩.୧ ଇତିହାସରେ ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବ ଯୁଦ୍ଧଠାରୁ କିପ୍ରକାର ଭିନ୍ନ ଥିଲା

ସ୍ପେନ, ନେଦରଲ୍ୟାଣ୍ଡ ଏବଂ ଚୀନ, ସ୍କେଣ୍ଡିନେବିୟନ ରାଷ୍ଟ୍ର ଏବଂ ସ୍ୱିଜରଲ୍ୟାଣ୍ଡକୁ ଛାଡି ଇଉରୋପର ସମସ୍ତ ରାଷ୍ଟ୍ର ଏପରି ଯୁଦ୍ଧରେ ସମ୍ମିଳିତ ଥିଲେ, ଯେଉଁମାନେ ସମ୍ପୂର୍ଣ୍ଣ ବିଶ୍ୱକୁ ହିଂସା ଏବଂ ଦୁଃଖରେ ଯୋଡି ଦେଲେ, ଅନ୍ୟକ୍ଷେତ୍ରରେ, ବିଶେଷ ରୂପେ ଉପବେଶଗୁଡିକ ଉପରେ ଶାସନ କରୁଥିବା ରାଷ୍ଟ୍ରମାନଙ୍କପାଇଁ ଅନ୍ୟ ଅଞ୍ଚଳର ସୈନିକମାନଙ୍କୁ ବିଶେଷକରି ଉପନିବେଶର ସୈନ୍ୟମାନଙ୍କୁ ଯୁଦ୍ଧ କରିବାକୁ ପଡୁଥିଲା । ଏଥିରେ ଅନୁମାନ ଲଗାଗଲା କି ବ୍ରିଟେନ ପକ୍ଷରେ କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଭାରତ (ଯେଉଁ କ୍ଷେତ୍ରରେ ବ୍ରିଟେନର ଶାସନ ଥିଲା)ରୁ ପ୍ରାୟ ୩୦ଲକ୍ଷରୁ ଅଧିକ ସୈନିକ ଆସିଥିଲେ । ଏହି ଯୁଦ୍ଧର କ୍ଷେତ୍ର ବ୍ୟାପକ ଥିଲା ଅର୍ଥାତ୍ ଏହି ଯୁଦ୍ଧ କ୍ଷେତ୍ର ୟୁରୋପ, ଏସିଆ, ଆଫ୍ରିକା ଏବଂ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଲମ୍ବିଥିଲା । ପ୍ରଥମଥର ପାଇଁ ପାଖାପାଖି ବିଶ୍ୱର ସମସ୍ତ ଲୋକମାନେ ଏପରି ଯୁଦ୍ଧରେ ସମ୍ମିଳିତ ହୋଇଥିଲେ, ଯାହାକୁ ସେମାନେ ବିଶ୍ୱଯୁଦ୍ଧ ଭାବରେ ଜାଣିଲେ ।

ଯୁଦ୍ଧରେ ନୂତନ ପ୍ରୌଦ୍ୟୋଗିକ, ଉଡାଜାହାଜ, ଟ୍ୟାଙ୍କ ଏବଂ ବୁଡାଜାହାଜ ବ୍ୟବହାର ହୋଇଥିଲା, ଯାହା ପୂର୍ବ ଯୁଦ୍ଧମାନଙ୍କରେ ଦେଖାଯାଇନଥିଲା, ପରନ୍ତୁ ସାଧାରଣ ଢ଼ଙ୍ଗରେ ପୃଥିବୀ ପୃଷ୍ଠରେ ଲଢ଼ିବା



ଟିପ୍ପଣୀ

ସହିତ ଅଧିକ ସଂଖ୍ୟକ ଲୋକ ଏହାକୁ ଏଥିପାଇଁ ମନେ ରଖିବେ ଯେ ଯୁଦ୍ଧର ଅଧିକ ଫଟୋରେ ସୈନିକମାନେ ଭୂମି ତଳେ ଥିବା ଖାଇ ମଧ୍ୟରେ ଥାଇ ଲଢ଼େଇ କରୁଥିବାର ଦେଖାଯାଉଥିଲା । ଦକ୍ଷିଣ ଆଟଲାଣ୍ଟିକ ଏବଂ ପ୍ରଶାନ୍ତ ମହାସାଗରରେ ସାମୁଦ୍ରିକ ଯୁଦ୍ଧ ହୋଇଥିଲା । ବ୍ରିଟେନ ତଥା ଏହାର ମିତ୍ର ରାଷ୍ଟ୍ରମାନଙ୍କର ୧୦୦୦୦୦ରୁ ଅଧିକ ସୈନ୍ୟ ସହିତ ଆମେରିକା ପ୍ରଥମଥର ବିଶ୍ୱ ସ୍ତରରେ ସମ୍ମିଳିତ ହୋଇଥିଲା ।

ଏହି ବିଶ୍ୱଯୁଦ୍ଧ କାରଣରୁ ଲୋକମାନଙ୍କୁ ଅନେକ ସଂଖ୍ୟାରେ ସୈନିକ ଭାବରେ ସଂଗଠିତ କରାଗଲା । ସେତେବେଳେ ମହିଳାମାନଙ୍କୁ ସହରମାନଙ୍କରେ କେତେକ କାର୍ଯ୍ୟ ପାଇଁ ଯଥା ଯୁଦ୍ଧ କ୍ଷେତ୍ରରେ ନର୍ସ ଭାବରେ ରଖାଗଲା । ସରକାରମାନେ ଏଭଳି କେତେକ ପଦକ୍ଷେପ ନେଲେ ଯାହାଫଳରେକି ସେମାନଙ୍କର ନିଜ ସୀମା ମାନଙ୍କରେ କୌଣସି ବସ୍ତୁର ଅଭାବ ରହିବ ନାହିଁ । ଯେପରି ସେମାନେ ସୈନ୍ୟପାଇଁ ଏ ଲୋକମାନଙ୍କୁ ସଂଗଠିତ କରୁଥିଲେ ସେହିପରି ସେମାନେ ଖାଦ୍ୟଦ୍ରବ୍ୟ ପାଇଁ କୃଷକମାନଙ୍କଠାରୁ ଖାଦ୍ୟାନ୍ନ ଏକତ୍ରିତ କଲେ । ସେମାନେ ସେନାର ଉପକରଣ ଏବଂ ଗୋଲାବାରୁଦ ଇତ୍ୟାଦିର ଆବଶ୍ୟକତାକୁ ପୁରା କରିବାପାଇଁ ବେତନରେ ଅଧିକ ଲମ୍ବା ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବାପାଇଁ ଶ୍ରମିକଙ୍କୁ ଥିବା କାର୍ଯ୍ୟ ଅଧିକାର ଆଇନକୁ ସମାପ୍ତ କରିଦେଲେ । ଖାଦ୍ୟ ଓ ଖାଦ୍ୟ ସାମଗ୍ରୀ ଭଳି ଉପଭୋଗ ବସ୍ତୁର ଦାମ ବୃଦ୍ଧି ହୋଇଗଲା କାରଣ ଅଧିକରୁ ଅଧିକ ପୁଞ୍ଜି ନିବେଶ ଯୁଦ୍ଧ ସମ୍ବଳ ଏବଂ ଅନ୍ୟାନ୍ୟ ଯୁଦ୍ଧ ଆବଶ୍ୟକତା ଗୁଡିକ ଉପରେ କରାଗଲା । ସାଧାରଣ ଲୋକମାନଙ୍କ ମଧ୍ୟରେ ନିରାଶର ଛାୟା ଥିଲା ।

ଆମେ ଏହା ମନେ ରଖିବା ଉଚିତ ଯେ ଯୁଦ୍ଧ ତଥା ଯୁଦ୍ଧରେ ଦେଖାଦେଇଥିବା ସମସ୍ୟା ଆସିଥିବା କାରଣରୁ କିପରି ପ୍ରାୟ ୧୦ଲକ୍ଷ ଲୋକ ମୃତ୍ୟୁ ବରଣ କରିଥିଲେ, ୨୦ଲକ୍ଷ ଲୋକ କ୍ଷତବିକ୍ଷତ ହେଲେ ଏବଂ ଲକ୍ଷ ଲକ୍ଷ ଲୋକ ଶରଣାର୍ଥୀ ଅଥବା ବେରୋଜଗାରୀ ହୋଇଗଲେ କାରଣ ନଗର ଓ ଉଦ୍ୟୋଗ ଧ୍ୱଂଶ ହୋଇଯାଇଥିଲା । ଦେଶମାନଙ୍କର ସୀମାନ୍ତ ଅଞ୍ଚଳରେ ରହୁଥିବା ବାସିନ୍ଦାମାନେ କେବଳ ନୁହଁନ୍ତି, ପରନ୍ତୁ ରାଷ୍ଟ୍ରମାନଙ୍କର ଆଭ୍ୟନ୍ତରୀଣ ଭାଗରେ ରହୁଥିବା ଲୋକମାନେ ମଧ୍ୟ ବେଘର ହୋଇଯାଇଥିଲେ । ଯୁଦ୍ଧ ଇତିହାସରେ ପ୍ରଥମ ଥର ପାଇଁ ବେସାମିକ ଜନ ସମୁଦାୟ ପ୍ରଭାବିତ ଓ କ୍ଷତବିକ୍ଷତ ହେଲେ ।ଜନବସତି ଅଞ୍ଚଳରେ ବୋମା ନିକ୍ଷେପ କରାଗଲା ଓ ଯୁଦ୍ଧ କାରଣରୁ ଦୁର୍ଭିକ୍ଷ ତଥା ମହାମାରୀ ବ୍ୟାପିଗଲା ଯେଉଁଥିରେ ଲକ୍ଷଲକ୍ଷ ନାଗରିକଙ୍କର ମୃତ୍ୟୁ ହୋଇଥିଲା ।

ଯେତେବେଳେ ଏହି ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଲୋକମାନେ ଭାବିଲେ ଯେ ଏହିଯୁଦ୍ଧ ଅଳ୍ପ ସମୟପାଇଁ ହେବ, ମାତ୍ର ଏହା ଚାରିବର୍ଷ ପର୍ଯ୍ୟନ୍ତ ଚାଲିଲା । ଆପଣମାନେ କଳ୍ପନା କରିପାରିବେକି ଲଗାତର ଚାରିବର୍ଷ ପର୍ଯ୍ୟନ୍ତ ଯୁଦ୍ଧରେ ସଂଶ୍ଳିଷ୍ଟ ଥିବା ରାଷ୍ଟ୍ରଗୁଡିକର ଲୋକମାନଙ୍କର ଜୀବନ କେମିତି ହୋଇଥିବ । ଏହା ପ୍ରଚଳିତ ସାମାଜିକ - ଆର୍ଥିକ ଓ ରାଜନୈତିକ ଢ଼ାଞ୍ଚାକୁ ନଷ୍ଟ କରିଦେଇଥିଲା । ସମ୍ପୂର୍ଣ୍ଣ ବିଶ୍ୱର ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କଲା । ପ୍ରଥମଥର ପାଇଁ ସମସ୍ତ ଯୁଦ୍ଧରତ ନେଶମାନଙ୍କରେ ବ୍ୟାପିଥିବା ତଥା ନିଜନିଜର ସମସ୍ତ ପ୍ରକାର ସଂସାଧନକୁ ବିଶାଳ ଆକାରରେ ସଂଗଠିତ କରିବା । ଏହାକୁ ବିଶ୍ୱଯୁଦ୍ଧ ଭାବରେ ଜଣାଗଲା ।

ଏହି ସବୁ କାରଣରୁ ଏହି ଯୁଦ୍ଧକୁ ବିଶ୍ୱ ଇତିହାସର ସଂକଟକାଳ ବୋଲି କୁହାଯାଏ ।



ଟିପ୍ପଣୀ



## ୨୩.୨ ଯୁଦ୍ଧର କାରଣ :

ପ୍ରଥମ ବିଶ୍ୱଯୁଦ୍ଧର କାରଣ ଜଟିଳ ଅଟେ । ଏହି ଯୁଦ୍ଧ ଏକ ବିଶେଷ ଘଟଣା କାରଣରୁ ଆରମ୍ଭ ହୋଇଥିଲା, ଯାହା ଯେକୌଣସିଠାରେ ଏବଂ ଯେକୌଣସି ସମୟରେ ଘଟିପାରିଥାନ୍ତା । ସର୍ବିଆ ଏବଂ ଅଷ୍ଟ୍ରିଆ ମଧ୍ୟରେ ଶତୃତା, ଥିଲା ଯେଉଁ କାରଣ ହାବସବର୍ଗ ସାମ୍ରାଜ୍ୟର ସିଂହାସନର ଉତ୍ତରାଧିକାରୀ ଆର୍କଡ୍ୟୁକ ଫ୍ରେଞ୍ଜ ଫାର୍ଡିନାଣ୍ଡଙ୍କ ୧୯୧୪ରେ ସାରାଜୀବୋଠାରେ ହତ୍ୟା କରାଯାଇଥିଲା । ଏହି ଘଟଣାଟି ମୁଖ୍ୟକାରଣ ଥିଲା ଯାହା ପ୍ରଥମ ବିଶ୍ୱଯୁଦ୍ଧରେ ପରିବର୍ତ୍ତିତ ହୋଇଗଲା ।

ଏକ ଘଟଣାରେ ଏପରି ବିଧ୍ୱଂସକାରୀ ପରିଣାମ କାହିଁକି ହେଲା, ଯାହା ଦ୍ୱାରା ଅନ୍ତତଃ ସମ୍ପୂର୍ଣ୍ଣ ବିଶ୍ୱରେ ଚାରିବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ଚାଲିଲା ?

ତୁମ୍ଭେ ପ୍ରାରମ୍ଭିକ ପାଠରେ ଉପନିବେଶ ପାଇଁ କିପରି ପ୍ରତିଯୋଗୀତା ହୋଇଥିଲା ତାହା ଜାଣନ୍ତି ଏବଂ କିପରି ଉନବିଂଶ ଶତାବ୍ଦିର ମଧ୍ୟଭାଗରେ ସମ୍ପୂର୍ଣ୍ଣଭାବରେ ସାମ୍ରାଜ୍ୟବାଦ ପ୍ରଣାଳୀର ସ୍ଥାନ ପ୍ରସ୍ତୁତ କଲା । ଉଦାହରଣସ୍ୱରୂପ ୧୮୭୬ରେ ଆଫ୍ରିକାର ୧୦ ପ୍ରତିଶତରୁ ଅଧିକ ଭାଗ ୟୁରୋପ ଶାସନାଧିନ ଅଧୀନ ନଥିଲା ପରନ୍ତୁ ୧୯୦୦ ବେଳକୁ ଏହାର ୯୦ ପ୍ରତିଶତରୁ ଅଧିକ ଉପନିବେଶ ହୋଇଗଲା । ଆପଣ ଦେଖିସାରିଥିଲେବି ଜର୍ମାନୀ ଏହି ଦୌଡ଼ରେ ପଛରେ ରହିଯାଇଥିଲା ମାତ୍ର ସେ ମଧ୍ୟ ଏହା ଅନୁଭବ କରିବା ଆରମ୍ଭ କରିଥିଲା ଯେ ଶାସନ କରିବା ପାଇଁ ସେମାନେ ମଧ୍ୟ ନିଜର ଉପନିବେଶ ସ୍ଥାପିତ କରିବା ପାଇଁ ଇଚ୍ଛୁକ । ୧୯୧୪ ପର୍ଯ୍ୟନ୍ତ ଏହି ଶକ୍ତି ଗୁଡିକ ନିଜର ପ୍ରଭାବର କ୍ଷେତ୍ର ବୃଦ୍ଧିକଲେ, ନିଜ ଅଧୀନକୁ ଆହୁରି ଅଧିକ ଅଞ୍ଚଳ ଆଣିବା ତଥା ବିଶ୍ୱର ସଂମାଧନରେ ଅଧିକ ଭାଗୀଦାରୀ ହେବାପାଇଁ ପ୍ରସ୍ତୁତ ହେଲେ ।

ଯେହେତୁ ବିଶ୍ୱର ଅଧିକାଂଶ ଅଞ୍ଚଳ ସେମାନଙ୍କ ମଧ୍ୟରେ ବାଣ୍ଟି ନେଇଥିଲେ, ବିଶ୍ୱକୁ ଅର୍ଥନୈତିକ କିମ୍ବା ରାଜନୈତିକ କ୍ଷେତ୍ରରେ ପୁନର୍ଗଠନ କରି ଅଥବା ଅନ୍ୟର ଅଂଶ ସହାୟତାରେ ସେମାନଙ୍କର ଅଂଶକୁ ବୃଦ୍ଧିକରିବାକୁ ଯାଇ ପରସ୍ପର ସହିତ ସଂଘର୍ଷ କରି ସେମାନଙ୍କ ନିଜ ଭାଗର ନିୟନ୍ତ୍ରଣ ବୃଦ୍ଧି କରିବାକୁ ଚାହୁଁଥିଲେ । ତଥାପି ସେମାନଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ଏପରି ଏକ ବଡ ଯୁଦ୍ଧ ସମ୍ପର୍କରେ ଭାବିନଥିଲେ, । ତଥାପି ସଂଘର୍ଷର ସଂଭାବନା ସର୍ବଦା ରହୁଥିଲା ।

ସେମାନେ ଅନ୍ୟ ଦେଶରେ ନୂତନ କ୍ଷେତ୍ର ପ୍ରାପ୍ତ କରିବା ଅଥବା ପୂର୍ବରୁ ନିଜ ଅଧୀନଥିବା କ୍ଷେତ୍ରର ସୁରକ୍ଷା କରିବାପାଇଁ ଛୋଟ ଛୋଟ ଯୁଦ୍ଧ କରୁଥିଲେ; ଏବଂ କେବେ କେବେ ସେମାନେ ନିଜର ପ୍ରତିଦ୍ୱନ୍ଦ୍ୱୀକୁ ରୋକିବାପାଇଁ ଅନ୍ୟଶକ୍ତିର ସହଯୋଗ କରୁଥିଲେ । କେହିହେଲେ ଏପରି ବଡଯୁଦ୍ଧ ସମ୍ପର୍କରେ ଭାବିନଥିଲେ, ତଥାପି ଜର୍ମାନୀର ବିସମାର୍କ ୧୮୭୯ରେ ଅଷ୍ଟ୍ରିୟା-ହଙ୍ଗେରୀ ସହିତ ସହଯୋଗ କରିଥିଲେ ଓ ଏହା ଦ୍ୱିପାକ୍ଷୀକ ସହଯୋଗ ଭାବରେ ଜଣାଥିଲା । ୧୮୮୨ରେ ଇଟାଲୀ ଏଥିରେ ସମ୍ମିଳିତ ହୋଇଗଲା । ଅନ୍ୟପକ୍ଷରେ ୧୮୯୪ରେ ଫ୍ରାନ୍ସ, ଋଷ୍ ସହିତ ସହଯୋଗ କଲା, ୧୯୦୪ରେ ଫ୍ରାନ୍ସ ବ୍ରିଟେନ ସହିତ ଏକ ଚୁକ୍ତି କଲା ଏବଂ ୧୯୦୭ରେ ବ୍ରିଟେନ ଋଷ ସହିତ ସନ୍ଧି କଲା । ଏହା ତ୍ରିପକ୍ଷୀୟ ସନ୍ଧି ଭାବରେ ପରିଚିତ ହେଲା ।

ୟୁରୋପର ନେତାମାନେ ଭାବିଲେ ଯେ ଏହି ସହଯୋଗ ଦ୍ୱାରା ଶକ୍ତିର ସନ୍ତୁଳନ ମାଧ୍ୟମରେ ଯୁଦ୍ଧ ରୋକା ଯାଇପାରେ । ବାସ୍ତବରେ ଏପରି ହେଲାଯେ ଏହି ସହଯୋଗରୁ ଗୋଟିଏ ଦେଶ ଅନ୍ୟ ଦେଶ ସହିତ ବାନ୍ଧି ହୋଇଗଲେ । ଯେତେବେଳେ ଗୋଟିଏ ଦେଶ ଯୁଦ୍ଧ କରୁଥିଲା ଅନ୍ୟାନ୍ୟ ଦେଶ ଏହାର

ସହାୟତା ନିମିତ୍ତ ସମ୍ମିଳିତ ହେବାକୁ ପଡୁଥିଲା । ଏପରି ସାମ୍ରାଜ୍ୟବାଦୀ ରାଷ୍ଟ୍ରରେ ପ୍ରତିଦ୍ୱନ୍ଦିତା ଏବଂ ସଂଘର୍ଷ ଏହି ଯୁଦ୍ଧର ମୁଖ୍ୟକାରଣ ହୋଇଗଲା ।

ରାଷ୍ଟ୍ରୀୟ ଆନ୍ଦୋଳନ ଉନବିଂଶ ଶତାବ୍ଦିର ମହତ୍ୱପୂର୍ଣ୍ଣ ବିଶେଷତ୍ୱ ଥିଲା । ଉନବିଂଶର ଶତାବ୍ଦିର ଶେଷଭାଗରେ ଏବଂ ବିଂଶ ଶତାବ୍ଦିର ପ୍ରାରମ୍ଭରେ ରାଷ୍ଟ୍ରବାଦର ମଧ୍ୟ ପରିବର୍ତ୍ତନ ଆସିଲା । ବିକଶିତ ପୁଞ୍ଜିବାଦୀ ରାଷ୍ଟ୍ରମାନେ ନିଜ ନିୟନ୍ତ୍ରଣ କ୍ଷେତ୍ରର ବିସ୍ତାର ଓ ଏହାର ସାମଗ୍ରୀକ ଶକ୍ତିର ବୃଦ୍ଧିସହିତ ଜୋଡି ଯାଇଥିଲା । ଉକ୍ତ ପ୍ରଭାବଶାଳୀ ବିଚାରଧାରା ଫରାସୀ ବିପ୍ଳବ ତଥା ଏହାର ଆଦର୍ଶ ଯଥା ସ୍ୱତନ୍ତ୍ରତା, ସମାନତା ଏବଂ ଭାତୃତ୍ୱର ଆସିନଥିଲା । ଏହି ରାଷ୍ଟ୍ରମାନେ ଗୋଟିଏ ଦେଶରେ ପ୍ରଚଳିତ ସର୍ବଭୌମ ଚିନ୍ତାଧାରା ସହିତ ଆଉ ଅଧିକ ଜୋଡିବା ପାଇଁ ଚାହୁଁନଥିଲା । ଅନ୍ୟ ପକ୍ଷରେ ଯେପରି ବହୁରାଷ୍ଟ୍ରୀୟ ସାମ୍ରାଜ୍ୟ, ଅଷ୍ଟ୍ରିଆ-ହଙ୍ଗେରୀ ଏବଂ ଋଷ ସାମ୍ରାଜ୍ୟରେ ଲୋକ ନିଜକୁ ମୁକ୍ତ କରିବା ଓ ସ୍ୱତନ୍ତ୍ରତା ରାଷ୍ଟ୍ରମାନଙ୍କ ନିର୍ମାଣ କରିବା ଚାହୁଁଥିଲେ, ସମସ୍ତ ବୃହତ୍ତ ଶକ୍ତି ଏହାକୁ ବିରୋଧ କରୁଥିଲେ ।

ଏପରି ବୃହତ୍ତ ଶକ୍ତିମାନେ, ଅଭୁତପୂର୍ବ ଅସ୍ତ୍ରଶସ୍ତ୍ର ଦୌଡରେ ଲାଗିଯାଇଥିଲେ ତଥା ସେମାନେ ବିଶାଳ ସ୍ଥଳ ଓ ଜଳସେନା ଗଠନ କରିନେଲେ । ସୈନ୍ୟବାଦ ବୈଦେଶିକ ନୀତିର ମୁଖ୍ୟ ବିଷୟ ହୋଇଗଲା । ଆଭ୍ୟନ୍ତରିଣ ନୀତିଗୁଡିକର ଲକ୍ଷ୍ୟ ନିଜ ନାଗରିକମାନଙ୍କର କଲ୍ୟାଣ କରିବା ପରିବର୍ତ୍ତେ ନିଜ ନିଜର ସୈନ୍ୟଶକ୍ତି ତଥା ସାମର୍ଥ୍ୟକୁ ବୃଦ୍ଧି କରିବା ଜନ ସଂଚାରକୁ ଏଥିରେ ମୁଖ୍ୟ ସାଧନ କରାଗଲା । ସମାଚାର ପତ୍ରଗୁଡିକ ଆକ୍ରାମକ ରାଷ୍ଟ୍ରବାଦର ପ୍ରଚାର କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ ।

୧୯୦୧ରେ ଅପେକ୍ଷାକୃତ କିଛିଲୋକଙ୍କୁ କେଉଁଠି କେଉଁଠି ଭୋଟପ୍ରଦାନର ଅନୁମତି ଦିଆଗଲା ଓ ମହିଳାମାନଙ୍କୁ ବ୍ୟବାହାରିକ ଭାବରେ କେଉଁଠିହେଲେ ଭୋଟପ୍ରଦାନ କରିବାର ଅନୁମତି ନଥିଲା । ଅଧିକାଂଶ ନାଗରିକମାନଙ୍କର ନିଜ ସରକାର ଦ୍ୱାରା ପ୍ରସ୍ତୁତ ନୀତିରେ ଉଚିତ ପ୍ରଭାବଶାଳୀ ଥିଲେ । ସରକାରଗୁଡି ପୁଞ୍ଜିପତି ଭୂମ୍ୟାଧିକାରୀମାନଙ୍କ ହିତ ପାଇଁ ଧ୍ୟାନ ରଖୁଥିଲେ ଏବଂ ସେମାନଙ୍କ ପ୍ରଭାବରେ ସରକାରମାନେ ନିଜ ନିଜର ନିୟନ୍ତ୍ରଣାଧୀନ କ୍ଷେତ୍ରରେ ବୃଦ୍ଧି କରିବାପାଇଁ ପରସ୍ପର ମଧ୍ୟରେ ପ୍ରତଯୋଗିତା କରୁଥିଲେ । ଏହି ପ୍ରତିଯୋଗିତାରେ ସାଧାରଣ ଜନତାର ଭାଗୀଦାରୀ କମ ଥିଲା । ପୁଣି ଯୁଦ୍ଧ ପ୍ରାରମ୍ଭ ହେବାପରେ ଲୋକମାନେ ନିଜ ନିଜ ରାଷ୍ଟ୍ରର ସହାୟତା ପାଇଁ ଆଗେଇ ଆସୁଥିଲେ ।

ଲୋକମାନେ ଆଧୁନିକ ଯୁଦ୍ଧର ବିଭୀଷିକାକୁ ଏପର୍ଯ୍ୟନ୍ତ ବୁଝିପାରି ନଥିଲେ । ଏହି ଯୁଦ୍ଧର ପ୍ରଭାବ ଥିଲା ଯେ ଲୋକମାନେ ଏହି ଯୁଦ୍ଧ ଉପରେ ପୁନର୍ବିଚାର କରି ତଥା ଶାନ୍ତି ପାଇଁ ଇଚ୍ଛା କରିବା ପ୍ରାରମ୍ଭ କରିଥିଲେ ।

## ୨୩.୩ ଯୁଦ୍ଧର ପ୍ରକ୍ରିଆ :

ଆମେ ଯୁଦ୍ଧର ଗତି ଅଥବା ମୁଖ୍ୟ ଅଭିଯାନକୁ ବିସ୍ତୃତ ଭାବରେ ଚର୍ଚ୍ଚା କରିବୁନାହିଁ । କିନ୍ତୁ ତୁମେ ଏହା ଜାଣିବା ଉଚିତ ଯେ ସର୍ବିଆରେ ହୋଇଥିବା ହତ୍ୟାକୁ ଅଷ୍ଟ୍ରିଆ ଯୁଦ୍ଧର କାରଣ ବୋଲି ବିବେଚନା କଲା ଏବଂ ସେ ଏହାର ପ୍ରତିଶୋଧ ନେବାପାଇଁ ନିର୍ଣ୍ଣୟ ନେବାପରେ ତା'ର ତ୍ରିପକ୍ଷୀୟ ସହଯୋଗୀ ରାଷ୍ଟ୍ର ଜର୍ମାନୀ ଏବଂ ଇଟାଲୀ ନିଜ ପକ୍ଷରେ ଆସିଗଲେ ତଥା ଅନ୍ୟଶକ୍ତିମାନେ (ବ୍ରିଟେନ, ଫ୍ରାନ୍ସ ଏବଂ ଋଷ) ବିରୋଧୀ ପକ୍ଷରେ ରହିଲେ ।

ଟିପ୍ପଣୀ

ଜର୍ମାନୀ ଫ୍ରାନ୍ସ ବିପକ୍ଷରେ ସୈନ୍ୟ ପ୍ରେରଣ କଲା ତଥା ଏପରି ପ୍ରତୀତ ହେଲା ଯେ, ଜର୍ମାନୀକୁ ସଫଳତା ପ୍ରାପ୍ତ ହେଉଅଛି, ସେତେବେଳେ ରଷ ପୂର୍ବପଟୁ ଜର୍ମାନୀ ଓ ଅଷ୍ଟ୍ରିଆ ଉପରେ ଆକ୍ରମଣ କଲା । ଯୁଦ୍ଧ ଦୀର୍ଘଦିନ ଧରି ଚାଲିଲା ଏବଂ ଏହା ଅଧିକ ଜଟିଳ ହୋଇଗଲା । ସ୍ଥଳ ଭାଗରେ, ଖାଇ ମଧ୍ୟରେ ଯୁଦ୍ଧ ଲଗାତର ଭାବରେ ଚାରିବର୍ଷ ପର୍ଯ୍ୟନ୍ତ ଚାଲିଲା, କାରଣ ଦୁଇପକ୍ଷ ବରାବର ଥିଲେ । ଖାଇ ଖୋଳିବାପାଇଁ ଉପନିବେଶ ଗୁଡିକର ଶ୍ରମିକମାନଙ୍କୁ ଉପଯୋଗ କରାଗଲା । ତତପଶ୍ଚାତ ଏହି ଯୁଦ୍ଧ ଏସିଆ ଏବଂ ଆଫ୍ରିକାକୁ କ୍ଷେତ୍ରରେ ବ୍ୟାପିଗଲା ।

ଏହି ଯୁଦ୍ଧରେ ପ୍ରୌଦ୍ୟୋଗିକୀର ଉପଯୋଗର ଅର୍ଥ ଥିଲା, ସମସ୍ତ ରାଷ୍ଟ୍ରର ଅଧିକରୁ ଅଧିକ ଲୋକ ମୃତାହତ ହେବା, ଉଦାହରଣ ସ୍ୱରୂପ ସୋମୀ ଯୁଦ୍ଧର ପ୍ରଥମ ଦିନରେ ପ୍ରାୟ ୬୦,୦୦୦ ବ୍ରିଟିଶ ସୈନିକ ମୃତାହତ ହୋଇଥିଲେ ।

ଏହି ଯୁଦ୍ଧର ପ୍ରକ୍ରିୟା ସମୟରେ ଇଟାଲୀ ପକ୍ଷ ବଦଳାଇ ଦେଲା । ଅପ୍ରେଲ ୧୯୧୭ରେ ଆମେରିକା ମଧ୍ୟ ଜର୍ମାନୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା । ଏହି ସ୍ଥିତିରେ ରଷ ସାମ୍ରାଜ୍ୟର କ୍ରାନ୍ତିକାରୀ ଆନ୍ଦୋଳନ ନିର୍ଣ୍ଣାୟକ ଘଟଣା ଥିଲା ।

ଅକ୍ଟୋବର ୧୯୧୭ରେ ରଷ କ୍ରାନ୍ତି ସଫଳ ହେଲା ଏବଂ ଯେତେବେଳେ ଏଠାରେ କମ୍ୟୁନିଷ୍ଟ କ୍ଷମତାକୁ ଆସିଲା, ସେତେବେଳେ ରଷ ଯୁଦ୍ଧରୁ ଓହରି ଗଲା । ସେ ୧୯୧୮ରେ ଜର୍ମାନୀ ସହିତ ଏକ ଶାନ୍ତି ସନ୍ଧିରେ ହସ୍ତାକ୍ଷର କଲା । ଏହି ସନ୍ଧି ରଷ ପାଇଁ ବହୁତ ଅପ୍ରିୟ ଥିଲା, ମାତ୍ର ରଷରେ ଲେଲିନ ନେତୃତ୍ୱରେ ନୂତନ ସରକାର ଏଥିରେ ସହମତ ଥିଲା, କାରଣ ସେମାନେ ଆରମ୍ଭରୁ ଯୁଦ୍ଧକୁ ବିରୋଧ କରି ଆସୁଥିଲେ ।

ଏହି ଜଟିଳ ପରିସ୍ଥିତିରେ କେବଳ ଜର୍ମାନୀପାଇଁ ନଥିଲା, ପରନ୍ତୁ ବ୍ରିଟେନ ଏବଂ ଫ୍ରାନ୍ସ ପାଇଁ ମଧ୍ୟ ଥିଲା, କାରଣ ସେମାନେ ମୌଳିକ ରୂପରେ ସାମ୍ୟବାଦର ବିରୋଧୀ ଥିଲେ ।

ଅତଏବ, ୧୯୧୮ ପ୍ରାରମ୍ଭରୁ ଯୁଦ୍ଧର ଗତି ବଦଳିଗଲା ଏବଂ ଜର୍ମାନ ସୈନିକମାନେ ପଛଘୁଞ୍ଚା ଦେବା ଆରମ୍ଭ କଲେ, ସେତେବେଳେ ବ୍ରିଟିଶ ତଥା ଫ୍ରାନ୍ସ ଶାନ୍ତି ପାଇଁ ସହମତ ହୋଇଗଲେ । ଜର୍ମାନୀର ଶ୍ରମିକମାନେ ଏପରି କ୍ରାନ୍ତିର ଧମକ ଦେଲେ, ଯେପରି ରଷର ଶ୍ରମିକମାନେ କରିଥିଲେ । ନଭେମ୍ବର ୧୯୧୮ରେ ଯୁଦ୍ଧ ବିରାମ ଚୁକ୍ତି ଲାଗୁ ହୋଇଗଲା ଏବଂ ତା ପୂର୍ବରୁ ସମସ୍ତ ଶକ୍ତି ମିଶି ରଷର କ୍ରାନ୍ତିକୁ ଅସଫଳ କରିବାପାଇଁ ନିଜର ଶକ୍ତି ଲଗାଇ ଦେଲେ । ଏ ବିଷୟରେ ତୁମେ ଆଗାମୀ ଭାଗରେ ଅଧିକ କିଛି ଜାଣିପାରିବ ।

## ପାଠଗତ ପ୍ରଶ୍ନ ୨୩.୧

୧. ପ୍ରଥମ ବିଶ୍ୱଯୁଦ୍ଧରେ କ'ଣ କ'ଣ ନୂତନ ଅସ୍ତ୍ର ଉପଯୋଗ ପାଇଁ ଅଣାଯାଇଥିଲା ?

..........................................................................

୨. ୧୯୧୪ ପର୍ଯ୍ୟନ୍ତ ଦୁଇଟି ମୁଖ୍ୟ ଆନ୍ତର୍ଜାତୀୟ ସହଯୋଗର ନାମ ପ୍ରଦାନ କର ।

..........................................................................

୩. ପ୍ରଥମ ବିଶ୍ୱଯୁଦ୍ଧରେ କେତେ ଲୋକ ପ୍ରଭାବିତ ହୋଇଥିଲେ ?

..........................................................................



ଟିପ୍ପଣୀ

୪. ପ୍ରଥମ ବିଶ୍ୱଯୁଦ୍ଧରେ ଭାରତୀୟ ସୈନିକମାନେ କାହା ସପକ୍ଷରେ ଯୁଦ୍ଧ କରିଥିଲେ ?

.........................................................................................

## ୨୩.୪ ଋଷ ବିପ୍ଳବ ୧୯୧୭

ଏହି ଯୁଦ୍ଧର ସମାପ୍ତି ହେବା ପୂର୍ବରୁ ୧୯୧୭ରେ ଋଷ କ୍ରାନ୍ତି ଆସିଥିଲା । ଏହା ବୋଲସେଭିକ କ୍ରାନ୍ତି ରୂପେ ପରିଚିତ ହୋଇଥିଲା, କାରଣ ରାଜନୈତିକ ସମୂହ ଭାବରେ ବୋଲସେଭିକମାନେ ଏହି କ୍ରାନ୍ତିକୁ ସଫଳ କଲେ ଓ ଏହାର ନୀତିଗୁଡିକ ମଧ୍ୟ ନିର୍ଦ୍ଧାରିତ କରିବାପାଇଁ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ ।

ଏହା ଇତିହାସରେ ପ୍ରଥମ ସମାଜବାଦୀ ଆନ୍ଦୋଳନ ଥିଲା ଏବଂ ଏହା ସାମ୍ୟବାଦ ଆଦର୍ଶରେ ପ୍ରେରିତ ଥିଲା । ତୁମେ ପୂର୍ବ ପାଠରେ ଏହା ପଢ଼ି ସାରିଛ ଯେ ସାମ୍ୟବାଦ କିପରି ପୁଞ୍ଜିବାଦ ତୁଳନାରେ ଅଧିକ ସମାନତା ଏବଂ ସାମାଜିକ ନ୍ୟାୟ ପ୍ରଦାନ କରେ । ଏହି କ୍ରାନ୍ତି, ଶ୍ରମିକ ଶ୍ରେଣୀ ଏବଂ କୃଷକମାନଙ୍କର ଆନ୍ଦୋଳନର ପରିଣାମ ସ୍ୱରୂପ ହୋଇଥିଲା ।

୧୯୧୭ ବେଳକୁ ଋଷିଆର ସାମ୍ରାଜ୍ୟ ଉଭୟ ଦୀର୍ଘ ଦିନ ଧରି ଯୁଦ୍ଧ ଏବଂ ରାଜନୈତିକ ଓ ସାମାଜିକ ଆନ୍ଦୋଳନ ପରିଣାମରୁ ମାନସିକ ଚାପରେ ଥିଲା । ଫେବୃଆରୀ ୧୯୧୭ ପର୍ଯ୍ୟନ୍ତ ଋଷ ଏକ ବହୁରାଷ୍ଟ୍ରବାଦୀ ସାମ୍ରାଜ୍ୟ ଥିଲା । ଗୋଟିଏ ସ୍ୱେଚ୍ଛାଚାରୀ ଦ୍ୱାରା ଶାସିକ ହେଉଥିଲା ଏବଂ ସେ ଜାର ଭାବରେ ପରିଚିତ ଥିଲେ । ଏହାର ବିଶାଳ ସାମ୍ରାଜ୍ୟ ସେ ଏବଂ ଇଉରୋପର ପୂର୍ବ ଭାଗ ସହିତ ମଧ୍ୟ ଏସିଆର ବିସ୍ତୀର୍ଣ୍ଣ ଅଞ୍ଚଳ ଯୋଡିହୋଇଥିଲା । ସେଠାରେ କୌଣସି ପ୍ରତିନିଧିମୂଳକ ସଂସ୍ଥା ନଥିଲା, ରାଜନୈତିକ କିମ୍ବା ଟ୍ରେଡ଼ ୟୁନିୟନ ଗଠନ କରିବାର ଅଧିକାର ନଥିଲା ଓ ନିର୍ବାଚନ ପ୍ରଣାଳୀ ନଥିଲା । ସେଠାରେ ସମ୍ବାଦପତ୍ରର ସ୍ୱାଧୀନତା ନଥିଲା ତଥା ଲୋକମାନଙ୍କୁ ମନମୁଖୀ ଭାବରେ ବନ୍ଦୀ କରିନିଆଯାଉଥିଲା । ଏଠାରେ କୌଣସି ଧାର୍ମିକ ସହିଷ୍ଣୁତା ନଥିଲା । ଏହି ସାମ୍ରାଜ୍ୟରେ ଅନ୍ୟ ଦେଶର ଲୋକ ଏବଂ ଅଳ୍ପସଂଖ୍ୟକଙ୍କୁ ଋଷ ଦେଶର ସମସ୍ତ ନାଗରିକଙ୍କୁ ଅଧିକାର ଦିଆଯାଇ ନଥିଲା, କାରଣ ଜାର ନିକୋଲାସ ଦ୍ୱିତୀୟ ଋଷିଆର ରୋମାନଭ ବଂଶର ଥିଲେ । ଜାର ଇଉରୋପର ସମସ୍ତ ପ୍ରଜାତାନ୍ତ୍ରିକ ଆନ୍ଦୋଳନର ବିରୁଦ୍ଧରେ ନିଜର ସୈନ୍ୟ ଓ କୁଟନୈତିକ ଶକ୍ତିର ଉପଯୋଗ କରିଥିଲେ । ଏଥିପାଇଁ ଏହା ୟୁରୋପର ପ୍ରହରୀ ଭାବରେ ପରିଚିତ ଥିଲେ । ୧୯ମ ଶତାବ୍ଦିର ଉତ୍ତରାର୍ଦ୍ଧ ଏବଂ ବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧରେ ପଶ୍ଚିମ ଇଉରୋପ ତୁଳନାରେ ଏହି ପରିସ୍ଥିତି ବହୁତ କଷ୍ଟକର ବା ଭିନ୍ନ ଥିଲା ।

## ୨୩.୫ ପ୍ରାଚୀନ ଓ ନୂତନ

ଯଦିଚ ରାଜନୈତିକ ପ୍ରଣାଳୀ ନିରୁଙ୍କଶ ଏବଂ ଏକଛତ୍ର ଶାସିତ ହୋଇଥିଲା ତଥାପି ଅର୍ଥବ୍ୟବସ୍ଥା ଓ ସମାଜ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖା ହୋଇଥିଲା । ଯେଉଁଥିରୁ ନୂତନ ଆକାଂକ୍ଷା ସୃଷ୍ଟି ହୋଇଥିଲା । ନୂତନ ବିଚାର ବିକଶିତ ହେଲା ତଥା ସମାଜର ଅଧିକାଂଶ ବର୍ଗ ଜାରଙ୍କର ଅତ୍ୟାଚାରୀ ଶାସନରେ ଅସନ୍ତୁଷ୍ଟ ଥିଲେ । କାରଣ ତାଙ୍କ ପାଖରେ କୌଣସି ସଂସଦୀୟ ପ୍ରଣାଳୀ ଅଥବା ନିର୍ବାଚନ କାର୍ଯ୍ୟକ୍ରମ ନଥିଲା, ଯାହା ମାଧ୍ୟମରେ ରାଜାଙ୍କର ନୀତିଗୁଡିକ ପ୍ରତି ନିଜର ବିରୋଧ ବ୍ୟକ୍ତ କରିପାରିବେ, ତେଣୁ ଏଥିପାଇଁ ସେମାନଙ୍କୁ କ୍ରାନ୍ତିର ମାର୍ଗ ଆପଣେଇବାପାଇଁ ପଡିଥିଲା । ନିଜକୁ ପ୍ରଭାବିତ କରିଥିବା

ସମାଜ ଓ ଉପରେ ନିଜର ବକ୍ତବ୍ୟ ପ୍ରଦାନ ପାଇଁ ସେମାନଙ୍କ ସ୍ୱେଚ୍ଛାଚାରୀ ଶାସନକୁ ସମାପ୍ତ କରିବାକୁ ପଡିଥିଲା । ୟୁରୋପରେ ଅନ୍ୟ ଦେଶ ଏବଂ ଋଷ ସାମ୍ରାଜ୍ୟରେ ଏହାହିଁ ମୁଖ୍ୟ ଅନ୍ତର ଥିଲା ।

## କୃଷି ତଥା କୃଷକ ଅସନ୍ତୋଷ :

କୃଷକମାନେ ମଧ୍ୟ ଅତ୍ୟଧିକ ଅସନ୍ତୁଷ୍ଟ ଥିଲେ । ପଶ୍ଚିମ ଏବଂ କେନ୍ଦ୍ର ଇଉରୋପ ଭଳି ଋଷ ସାମ୍ରାଜ୍ୟରେ ମଧ୍ୟ ପରବର୍ତ୍ତୀ ସମୟରେ ୧୮୬୧ ବେଳକୁ କୃଷି ଭୃତ୍ୟମାନେ ମୁକ୍ତି ପାଇଥିଲେ । ଏପରି ଜମିଜମା ସଂସ୍କାର ସତ୍ତ୍ୱେ ଭୂ-ଅଭିଜାତ ବର୍ଗ କ୍ଷମତାଶାଳୀ ହୋଇରହିଲେ ତଥା ସେମାନେ କୃଷକଙ୍କୁ ଦମନ କରିବା ଜାରି ରଖିଥିଲେ । ସେତେବେଳେ କୃଷକମାନଙ୍କ ପାଖରେ ଅପର୍ଯ୍ୟାପ୍ତ ଜମି ନଥିଲା, ଏପରି କୃଷକମାନେ ଜନ ସମୁଦାୟର ୮୦ ଭାଗ ଥିଲେ ମାତ୍ର ସମୁଦାୟ ଭୂମିର ୫୦ଭାଗ ସେମାନଙ୍କ ପାଖରେ ଥିଲା । ସେଥିପାଇଁ ଜମି ପାଇଁ ଦାବି ଜାର୍‌ଙ୍କ ବିରୁଦ୍ଧରେ କ୍ରୋଧର ମୁଖ୍ୟ କାରଣ ଥିଲା ସେମାନେ ଭାବୁଥିଲେ ଯେ ଏପରି ଏକ ଅସମ୍ପୂର୍ଣ୍ଣ ଭୂ-ସଂସ୍କାରକୁ ମାଧ୍ୟମରେ ଜାଲ ଲୋକମାନଙ୍କୁ ନିଷ୍ପେଶିତ କରୁଛନ୍ତି ।

ଏହାବ୍ୟତୀତ ମୁକ୍ତି ପାଇଥିବା କୃଷକମାନେ ମଧ୍ୟ ଜମି ଏବଂ ମୁକ୍ତିପାଇଁ ସେମାନଙ୍କୁ ଭାରି ମୂଲ୍ୟ ଦେବାକୁ ପଡିଥିଲା କାରଣ ଜାର୍ ଭୂମି ଅଧିକାରିମାନଙ୍କୁ ଅତ୍ୟଧିକ ଅନୁକମ୍ପା ପ୍ରଦାନକରି ସେମାନଙ୍କର ସଦ୍‌ଭାବନା ଏବଂ ସମର୍ଥନ ଲାଭ କରିବାପାଇଁ ଆଗ୍ରହୀ ଥିଲେ । କୃଷକମାନେ କ୍ରମାଗତ ଭାବରେ ଋଣଗ୍ରସ୍ତ ଥିବାରୁ ସେମାନଙ୍କୁ ବହୁତ ମୂଲ୍ୟ ଦେବାକୁ ପଡୁଥିଲା ଏବଂ ଜମିଦାରମାନଙ୍କ ପାଇଁ କମ୍ ମଜୁରୀରେ କାମ କରିବାକୁ ବାଧ୍ୟ ହେଉଥିଲେ । କୃଷକମାନେ ମଧ୍ୟ ଅଧିକ କର ଭାରରେ ବୁଡି ଯାଇଥିଲେ ।

କୃଷି ଅନେକ ପଛୁଆ ଥିଲା କାରଣ କୃଷକମାନେ ସେମାନଙ୍କ ଜମିର ଉନ୍ନତି କରିବାପାଇଁ ସେମାନଙ୍କ ପାଖରେ ପ୍ରଚୁର ଅର୍ଥ ନଥିଲା ଏବଂ ଜମିଦାରମାନେ ଭାବିଲେ, ଯେତେବେଳେ କୃଷକମାନେ ଶସ୍ତାରେ ଶ୍ରମପ୍ରଦାନ କରୁଛନ୍ତି, କାହିଁକି ଯନ୍ତ୍ର କିଣିବେ ?

କୃଷକମାନଙ୍କର ସମସ୍ତ ସ୍ୱାର୍ଥ ବିଷୟରେ ସ୍ୱେଚ୍ଛାଚାରୀ ଶାସକ ଜମିଦାରଙ୍କ ପକ୍ଷନେଲେ ଏବଂ କୃଷକ ଆନ୍ଦୋଳନକୁ ଦମନ କରିବାପାଇଁ ସୈନ୍ୟ ପ୍ରେରଣ କଲେ । ଯେହେତୁ କୃଷି ଋଷିଆର ମୁଖ୍ୟ ଅର୍ଥନୀତି ଥିଲା ଏବଂ କୃଷକମାନେ ଅଧିକ ସଂଖ୍ୟକ ଥିଲେ, କୃଷିରେ ପଛୁଆ ଏବଂ କୃଷକ ଅସନ୍ତୁଷ୍ଟ ବିପ୍ଳବର ପ୍ରମୁଖ କାରଣ ପ୍ରତିତ ହେଲା । ଉନବିଂଶ ଶତାବ୍ଦୀରେ ନିରନ୍ତର ଭାବରେ କୃଷକ ଆନ୍ଦୋଳନ ଦେଖାଦେଲା ଏବଂ ବିଂଶ ଶତାବ୍ଦିରେ ସେମାନେ ସାଧାରଣ ବୈପ୍ଳବିକ ଆନ୍ଦୋଳନର ଏକ ଉପାଦାନ ହୋଇଗଲେ ।

## ୨୩.୭ ଔଦ୍ୟୋଗିକରଣ ଏବଂ ଶ୍ରମିକ ଅସନ୍ତୋଷ :

ଋଷ ସାମ୍ରାଜ୍ୟରେ ଶ୍ରମିକ ଆନ୍ଦୋଳନ ୟୁରୋପରେ ଯେକୌଣସି ସ୍ଥାନରେ ହୋଇଥିବା ଆନ୍ଦୋଳନ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଅତ୍ୟଧିକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏହା ଔଦୋଗୀକରଣର ସ୍ୱରୂପ ତଥା ଋଷ ସାମ୍ରାଜ୍ୟର ରାଜନୈତିକ ଅବସ୍ଥା ସହିତ ଜଡିତ ଥିଲା । ପଶ୍ଚିମ ୟୁରୋପ ତୁଳନାରେ ଋଷିଆରେ ଔଦ୍ୟୋଗିକରଣ ବିଳମ୍ବରେ ଆସିଥିଲା ମାତ୍ର ଏହା ଖୁବ୍ ତୀବ୍ର ଥିଲା । ଏହାର ଅର୍ଥ ଥିଲା ଯେ ଏଠାରେ ଔଦ୍ୟୋଗିକିକରଣର ପ୍ରାରମ୍ଭିକ ଅବସ୍ଥାରେ ଅଧିକ ସଂଖ୍ୟକ ଶ୍ରମିକଥିବା ବିଶାଳ କାରଖାନା ମାନ ଥିଲା । ଏଠାରେ ଶ୍ରମିକ ବର୍ଗମାନଙ୍କର ଆନ୍ଦୋଳନ ପଶ୍ଚିମ ୟୁରୋପୀୟ ଦେଶମାନଙ୍କ





ତୁଳନାରେ ଏଠାରେ ତୀବ୍ର ବେଗରେ ବିକଶିତ ହେଉଥିଲା ଏବଂ ପୁଞ୍ଜିବାଦୀମାନେ ଶ୍ରମିକବର୍ଗର ଆନ୍ଦୋଳନ ଦୃଢ଼ ହେବା ପୂର୍ବରୁ ସେମାନଙ୍କର ଶକ୍ତିକୁ ସୁଦୃଢ଼ କରିବାକୁ ସମର୍ଥ ହୋଇପାରିନଥିଲେ । ଉନବିଂଶ ଶତାବ୍ଦିର ଶେଷ ଦଶକରେ ଅନେକ ଆନ୍ଦୋଳନ ଘଟିଗଲା ଏବଂ ୧୯୦୫ବେଳକୁ ଶ୍ରମିକମାନେ ବୈପ୍ଳବିକ ଆନ୍ଦୋଳନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ରୁଷ ସାମ୍ରାଜ୍ୟରେ ଶ୍ରମିକ ଆନ୍ଦୋଳନ ଅନ୍ୟ ଦେଶ ତୁଳନାରେ ଅଧିକ ଉଗ୍ରବାଦୀ ତଥା ରାଜନୈତିକ ଥିଲା ଏବଂ ଏହା ଅଭିଜାତ ବର୍ଗର ବିରୁଦ୍ଧରେ ଥିଲା, ଯେଉଁମାନେକି ଶ୍ରମିକ ସଂଗଠନ ଗଢ଼ିବାକୁ ଅନୁମତି ଦେଉନଥିଲେ ଏବଂ ନିଯୁକ୍ତିଦାତାଙ୍କ ପକ୍ଷ ନେଇଥିଲେ ତେଣୁ ଏହି ଶ୍ରମିକ ଆନ୍ଦୋଳନ ସେହି ନିଯୁକ୍ତିଦାତାଙ୍କ ବିରୁଦ୍ଧ ଥିଲା, ଯେଉଁମାନେ କାରଖାନାର ମାଲିକ ଥିଲେ ଏବଂ ଶ୍ରମିକମାନଙ୍କୁ ନ୍ୟୁନତମ ମଜୁରୀଦେବା ସହିତ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରାଯାଉଥିଲା । ସେମାନଙ୍କର ଆନ୍ଦୋଳନ ମଧ୍ୟ ଅନ୍ୟ ରାଷ୍ଟ୍ର ଅପେକ୍ଷା ସାମ୍ୟବାଦ ଆଡକୁ ଅଧିକ ଉନ୍ମୁକ୍ତ ଥିଲା । ବିଂଶ ଶତାବ୍ଦିର ପ୍ରଥମ ଦଶକ ବେଳକୁ ମହିଳା ଶ୍ରମିକବର୍ଗ ଏବଂ ଶ୍ରମିକ ସଂଗଠନମାନଙ୍କରେ ଏକ ଆଖି ଦୃଷ୍ଟି ଆସ୍ଥାନ ହାସଲ କରିଥିଲେ । ଏହାର ପରିଣାମସ୍ୱରୂପ ଶ୍ରମିକମାନଙ୍କର ଅଧିକାର ଏବଂ ମହିଳାମାନଙ୍କର ସମାନତା ଅଧିକାର ବିଷୟଗୁଡିକର ଚର୍ଚ୍ଚାରେ ସେମାନଙ୍କ ବିଭିନ୍ନ ସମସ୍ୟାଗୁଡ଼ିକ ପ୍ରତିବିମ୍ବିତ ହେବା ଆରମ୍ଭ ହୋଇଯାଇଥିଲା । ମହିଳା ଶ୍ରମିକମାନେ ଅଧିକ ସଂଖ୍ୟାରେ ଶ୍ରମିକବର୍ଗ ଆନ୍ଦୋଳନରେ ଯୋଗଦାନ କରିଥିଲେ ।

## ୨୩.୮ ଜାତୀୟତାବାଦୀମାନଙ୍କ ମଧ୍ୟରେ ଅସନ୍ତୋଷ

ରଷ ରୋମାନଭ ରାଜବଂଶ ଏବଂ ଅନ୍ୟାନ୍ୟ ଜାତୀୟତା ଅଞ୍ଚଳ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ଭାବରେ ଔପନିବେଶିକ ପ୍ରକୃତିର ଥିଲା । ସେହି ଅଞ୍ଚଳ ଗୁଡିକର କଞ୍ଚାମାଲ ରଷ ଅଞ୍ଚଳର ଶିଳ୍ପର ଉନ୍ନତିପାଇଁ ବ୍ୟବହୃତ ହେଉଥିଲା । ତୁମର ସ୍ମରଣ ଥାଇପାରେ ଯେ ଏପରି କିଛି ଭାରତ ତଥା ବ୍ରିଟିଶ ଉପନିବେଶମାନଙ୍କରେ ଘଟିଥିଲା । କାକେଶିୟାନ, ପୋଲ, କଜାଖ, ଲାଟବିୟାନ, ଏଷ୍ଟୋନିୟାନ ଭଳି ଗୋଷ୍ଠୀଗୁଡିକ ଏବଂ ରଷର ଏକଛତ୍ରବାଦକୁ ମୂଳପ୍ରାଟନ ପାଇଁମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

## ୨୩.୯ ନେତୃତ୍ୱ ତଥା ଦୂରଦୃଷ୍ଟି :

କ୍ରାନ୍ତିକାରୀ ଆନ୍ଦୋଳନକୁ ସଫଳ କରିବାପାଇଁ ସମର୍ପିତ ନେତୃତ୍ୱ ଏକାନ୍ତ ଆବଶ୍ୟକ ଅଟେ । ନିଶ୍ଚିତ ଆଦର୍ଶଦ୍ୱାରା ଏହାର ମାର୍ଗଦର୍ଶନ କରାଯିବା ଆବଶ୍ୟକ ଓ ପରିବର୍ତ୍ତନର ଏକ କାର୍ଯ୍ୟକ୍ରମ ହେବା ଆବଶ୍ୟକ । ଅନ୍ୟ ଭାଷାରେ ଲୋକମାନେ ସାଧାରଣ ଭାବରେ କିଛି ଧ୍ୱଂସ କରିବାକୁ ପ୍ରୟାସ ନକରି, ସେମାନଙ୍କର ଏକ ବିଚାର ହେବା ଆବଶ୍ୟକ ସେ ସ୍ଥାନରେ ସେମାନେ କଣ ନିର୍ମାଣ କରିବାକୁ ଚାହୁଁଛନ୍ତି ଏବଂ କିପରି ପରିବର୍ତ୍ତନ ଆଣିବା ପାଇଁ ହେବ । ସେମାନଙ୍କର ଆନ୍ଦୋଳନକୁ ଆଗେଇ ନେବାପାଇଁ ସଂଗଠନ ଗଢ଼ିବାପାଇଁ ସକ୍ଷମ ହେବା ଉଚିତ୍ ।

ଅନେକ ରାଜନୈତିକ ସଂଗଠନ ବିଂଶ ଶତାବ୍ଦିର ପ୍ରଥମ ଭାଗ ମଧ୍ୟରେ ସକ୍ରିୟ ଥିଲେ ମାତ୍ର ସେଗୁଡିକ ଆଇନ ସମ୍ମତ ନଥିଲା ଏବଂ ସେଗୁଡ଼ିକ ଗୁପ୍ତ ଭାବରେ କାର୍ଯ୍ୟ କରୁଥିଲେ ତଥା ସେମାନେ ଯଦି ବାହାରକୁ ଆସୁଥିଲେ ସେମାନଙ୍କୁ ଜାରଙ୍କର ପୋଲିସ ଦ୍ୱାରା କୋଠର ଦଣ୍ଡରେ ଦମନ କରାଯାଉଥିଲା । ତଥାପି ସେମାନେ ରାଜନୈତିକ ଶିକ୍ଷା, ରାଜନୈତିକ ପ୍ରଚାର ଏବଂ ଆନ୍ଦୋଳନ ମାଧ୍ୟମରେ ଲୋକମାନଙ୍କ ମନରେ ବିଶେଷ ଭାବରେ ଶ୍ରମିକ ଏବଂ କୃଷକଙ୍କ ମଧ୍ୟରେ ଚେତନା ସୃଷ୍ଟି କରିବାପାଇଁ



ଟିପ୍ପଣୀ



ବିରତପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଉକ୍ତ ଆଧାରରେ ସମାଜର ସମସ୍ତବର୍ଗର ଶ୍ରମିକ, କୃଷକ ଏବଂ ସୈନିକ, ବିଦ୍ୟାର୍ଥି ଏବଂ ଅଧ୍ୟାପକ ଓ ସମସ୍ତ ପ୍ରକାରର କର୍ମଚାରୀ ଏବଂ ମହିଳାମାନଙ୍କ ଲକ୍ଷ ଲକ୍ଷ ସଂଗଠନ ଗଢ଼ି ଉଠିଥିଲା । ଏଗୁଡିକ ମଧ୍ୟରୁ କେତେକ ରାଜନୈତିକ ଦଳ ସହିତ ଘନିଷ୍ଠ ସମ୍ବନ୍ଧ ରଖିଥିଲେ ଏବଂ ଏହି ରାଜନୈତିକ ଚର୍ଚ୍ଚା ଓ ବିଚାର ପାଇଁ ପ୍ରତିକ୍ରିୟାଶୀଳ ଥିଲେ ।

ସନ ୧୯୧୭ ବେଳକୁ ମହିଳା ସଂଗଠନ ଶ୍ରମିକ ସଂଗଠନ ଭଳି ମହିଳା ସଂଗଠନଗୁଡିକ କର୍ମଜୀବି ମହିଳାମାନଙ୍କର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ତଥାପି ମହିଳାମାନଙ୍କର ଏହି ଦିଗକୁ ଧ୍ୟାନ ଆକୃଷ୍ଟ କରିବାପାଇଁ ଲଗାତାର ସଂଘର୍ଷ କରିବାକୁ ପଡିଲା । ଯଦିଚ ବହୁତ ସଂଖ୍ୟକ ମହିଳାମାନେ ଲୋକପ୍ରିୟ ଆନ୍ଦୋଳନରେ ଯୋଗଦାନ କରିଥିଲେ ମଧ୍ୟ ନେତୃତ୍ୱ ଗ୍ରହଣ କରିବାରେ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା । ମହତ୍ୱପୂର୍ଣ୍ଣ ରାଜନୈତିକ ଦଳଗୁଡିକ ଲୋକପ୍ରିୟ (୧୯ଶ ଶତାବ୍ଦୀର ଶେଷରେ) ଏବଂ ସାମ୍ୟବାଦୀ, କ୍ରାନ୍ତିକାରୀ, ବିଭିନ୍ନ ପ୍ରକାରର ଉଦାରବାଦୀ ତଥା ସାମାଜିକ ଲୋକତନ୍ତ୍ରବାଦୀ (ମାର୍କ୍ସବାଦୀ) ଥିଲେ । ସାମାଜିକ ଲୋକତନ୍ତ୍ରବାଦୀମାନଙ୍କର ଦୁଇଟି ଦଳ ଥିଲା - ବୋଲସେଭିକ (ଅର୍ଥାତ୍ ଋଷରେ ବହୁମତବାଦୀ) ଓ ମେନସୋଭିକ (ଅର୍ଥାତ୍ ଅଳ୍ପସଂଖ୍ୟକ), ପରସ୍ପର ମଧ୍ୟରେ ମତଭେଦର ପରିଣାମ ସ୍ୱରୂପ ଅଲଗା ହୋଇଯିବା ପରେ ସେମାନଙ୍କର ଏହି ନାମ ହେଲା । ଏହି ଦଳଗୁଡ଼ିକ ମଧ୍ୟରେ ବିପ୍ଳବ ଆଣିବା ଏବଂ ଋଷି ସମାଜ ତଥା ରାଜନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସମ୍ବନ୍ଧରେ ବିଭିନ୍ନ ବିଚାରଧାରା ଥିଲା ।

ଲେନିନ ୧୯୧୭ର ଋଷ ବିପ୍ଳବର ସବୁଠାରୁ ଅଧିକ ମହତ୍ୱପୂର୍ଣ୍ଣ ନେତା ଥିଲେ । ଅନ୍ୟଜଣେ ହେଲେ ଟ୍ରଟସ୍କି । ଉଭୟ ବଲସେଭିକ୍ ଥିଲେ ସେ ଦୁଇଜଣ । ତଥାପି ଏହା କହିବା ଉଚିତ ହେବ ଯେ ଏଠାରେ ମଧ୍ୟ ହଜାର ହଜାର ପୁରୁଷ ଓ ମହିଳାମାନେ ମହତ୍ତ୍ୱପୂର୍ଣ୍ଣ ନେତା ଥିଲେ, ଯେପରି ଆମର ସ୍ୱତନ୍ତ୍ରତା ଆନ୍ଦୋଳନରେ ଥିଲେ । ସେମାନଙ୍କର ପ୍ରୟାସ, ବୀରତା ଓ ବଳିଦାନ ବ୍ୟତୀତ ବିପ୍ଳବ ସଫଳ ହୋଇ ପାରିନଥାନ୍ତା ।

## ୨୩.୧୦ ବିପ୍ଳବର ବିଭିନ୍ନ ଅବସ୍ଥା :

ଊନବିଂଶ ଶତାବ୍ଦିରେ ଋଷ ବୈପ୍ଳବିକ ଆନ୍ଦୋଳନର ପରିପ୍ରକାଶ ହେଲା, ଯେତେବେଳେ ଆଭିଜାତ୍ୟ ଶ୍ରେଣୀର କେତେକ ସଦସ୍ୟ ଅନୁଭବ କରିବାକୁ ଆରମ୍ଭ କଲେ ଯେ ଜାରଙ୍କ ଶାସନର ରାଜନୈତିକ ପ୍ରଣାଳୀ ଅତ୍ୟଧିକ ଉତ୍ପୀଡକ ଏବଂ ଋଷ ସମାଜ ଅତ୍ୟଧିକ ଅନ୍ୟାୟପୂର୍ଣ୍ଣ ଥିଲା । ସେମାନେ ବିଶେଷ ଭାବରେ କୃଷକମାନଙ୍କ ସମସ୍ୟା ବିଷୟରେ ଭାବୁଥିଲେ । ଋଷ କିପରି ପ୍ରଗତି କରିପାରିବ ଯଦି ଏହାର ଅଧିକାଂଶ ଲୋକ ଅତ୍ୟଧିକ ଦୁଃଖଦ ଅବସ୍ଥାରେ ରହିବେ ? ଆଭିଜାତ୍ୟ ଶ୍ରେଣୀର ଏହି ସଦସ୍ୟମାନେ ଏବଂ ନୂତନ ଭାବରେ ଉଦ୍‌ଭବ ମଧ୍ୟବିତ୍ତ ଶ୍ରେଣୀ ବୁଦ୍ଧିଜୀବୀ ଗୋଷ୍ଠୀ ସୃଷ୍ଟି କଲେ, ସେମାନେ ଋଷ ସମାଜ ଓ ରାଜନୈତିକ ବ୍ୟବସ୍ଥାଗୁଡିକୁ ସମାଲୋଚନା କଲେ ଏବଂ ଏହାର ରୂପାନ୍ତର ପାଇଁ କାର୍ଯ୍ୟ କଲେ । ସେମାନେ ଗୁପ୍ତ ସଂଗଠନ ଏବଂ କ୍ଷୁଦ୍ର ରାଜନୈତିକ ସଂଗଠନମାନ ଗଠନ କଲେ । ସେମାନେ ସମ୍ବାଦପତ୍ର ଉପରେ କଟକଣା ଏବଂ ରାଜନୈତିକ ଗତିବିଧି ଉପରେ ପ୍ରତିବନ୍ଧ ଲଗାଇବା କାରଣରୁ ନିଜର ବିଚାରକୁ ପ୍ରଚାର ପ୍ରସାର କରି ଖୋଲାଖୋଲି ଭାବରେ ଆନ୍ଦୋଳନ ଅଥବା କାମ କରିପାରୁନଥିଲେ, ଏଥିପାଇଁ ସେମାନେ ସମର୍ପିତ ବିପ୍ଳବୀ ହୋଇଗଲେ । ସେମାନେ ସମ୍ବିଧାନ ଏବଂ ନିର୍ବାଚନ ପାଇଁ ଦାବି କଲେ । କେତେକ ମହିଳାମାନେ ସକ୍ରିୟକ୍ରାନ୍ତିକାରୀ ଥିଲେ । ଯେତେବେଳେ ସେମାନେ ଧରାପଡି ଯାଉଥିଲେ ସେମାନଙ୍କୁ କ୍ରୁରତା ସହିତ ଦଣ୍ଡ ଦିଆଯାଉଥିଲା ।





ଏହା ସତ୍ତ୍ୱେ ଆନ୍ଦୋଳନ ଆଗକୁ ବଢୁଥିଲା ।

ଯେପରି ଶ୍ରମିକ ଏବଂ କୃଷକ ନିଜ ଜୀବନରେ ଅନ୍ୟାୟ ପାଇଁ ଲଢ଼ିବା ହେତୁ ନିଶ୍ଚିତ ହୋଇଗଲେ ସେମାନେ ଅଭିଜାତ ବର୍ଗ ବିରୁଦ୍ଧରେ ମଧ୍ୟ ସଂଘର୍ଷ କରିବା ଆରମ୍ଭ କରିଦେଲେ । ସେମାନେ ଯେତେବେଳେ ବିପ୍ଳବୀମାନଙ୍କ ସଂସର୍ଗରେ ଆସିଲେ ଉଭୟ ଆନ୍ଦୋଳନ ପରିପକ୍ୱ ହୋଇଯାଇଥିଲା । ବିଂଶ ଶତାବ୍ଦିର ପ୍ରାରମ୍ଭରେ ଋଷ ବୈପ୍ଳବିକ ଆନ୍ଦୋଳନ ଏକ ଜନଆନ୍ଦୋଳନରେ ପରିଣତ ହୋଇଥିଲା ଏବଂ ବିପ୍ଳବ ଏକ ସ୍ଲୋଗାନ ହୋଇଗଲା । ସ୍ୱେଚ୍ଛାଚାର ଉପରେ ପ୍ରଥମେ ପ୍ରମୁଖ ଜନପ୍ରିୟ ଆକ୍ରମଣ ୧୯୦୫ରେ ହୋଇଥିଲା । ଏହି ମହତ୍ତ୍ୱପୂର୍ଣ୍ଣ କ୍ରାନ୍ତିକାରୀ ବିଦ୍ରୋହ ଅସଫଳ ହେଲା ଏବଂ ଏହି ଆନ୍ଦୋଳନକୁ ଦମନ କରାଗଲା । ମାତ୍ର ଲୋକମାନେ ଏହି ଅନୁଭବରୁ ଅନେକ ମହତ୍ତ୍ୱପୂର୍ଣ୍ଣ ବିଷୟ ଶିକ୍ଷାଲାଭ କରିଥିଲେ, ଏଥିପାଇଁ ପରେ ଲେନିନ୍ ୧୯୧୭ର ବିପ୍ଳବର ପୂର୍ବାଭାଷ ବୋଲି ନାମ ରଖିଥିଲେ । ପ୍ରମୁଖ ଦାବି ମଧ୍ୟରେ ପ୍ରଜାତାନ୍ତ୍ରିକ ଗଣରାଜ୍ୟ, ପୂର୍ଣ୍ଣ ମତାଧିକାର, କୃଷକ ପାଇଁ ଭୂମି, ଶ୍ରମିକଙ୍କ ପାଇଁ ଅଧିକ ମଜୁରୀ ଏବଂ ସ୍ୱଳ୍ପ କାର୍ଯ୍ୟ ସମୟ ଇତ୍ୟାଦି ସମ୍ମିଳିତ ଥିଲା । ମହିଳାମାନଙ୍କ ସମାନତା, ବିଭିନ୍ନ ନାଗରିକତା ପାଇଁ ସ୍ୱନିର୍ଦ୍ଧାରଣ ତଥା ମୃତ୍ୟୁଦଣ୍ଡ ସମାପ୍ତ କରିବା ସମ୍ବନ୍ଧରେ ଅନ୍ୟ ଦାବି ଥିଲା । ଏଠାରେ ସର୍ବପ୍ରଥମେ ଏକ ସାଧାରଣ ହରତାଳ ହେଲା । ସେନା ତଥା ନୌସେନାର କେତକ ମଧ୍ୟ ବିଦ୍ରୋହ କଲେ । ସୋଭିଏତ ନାମକ ଏକ ପ୍ରସିଦ୍ଧ ଶ୍ରମିକବର୍ଗର କ୍ରାନ୍ତିକାରୀ ସଂଗଠନ ଗଠନ କରାଗଲା । ଏହା ବିପ୍ଳବରେ ଅଗ୍ରଣୀ ଭୂମିକା ନିର୍ବାହ କଲା । ଏହା ପରେ ଅନେକ ବର୍ଷ ଧରି ଦମନ କାର୍ଯ୍ୟ ଚାଲିଲା । ମାତ୍ର ବିଶ୍ୱଯୁଦ୍ଧପରେ ଏହି କ୍ରାନ୍ତିକାରୀ ଆନ୍ଦୋଳନ ପୁନଃ ସକ୍ରିୟ ହୋଇଗଲା ଓ ଏଥିରେ ସେହି ଲୋକମାନେ ପୁନଃ ସମ୍ମିଳିତ ହୋଇଗଲେ ଯେଉଁଠାରେ ଅଧିକ ସଂଖ୍ୟକ ଲୋକ ଯୁଦ୍ଧର ପ୍ରଭାବକୁ ଆଗରେ ଅନୁଭବ କଲେ ଓ ଜାରଙ୍କ ନୀତିର ଧାରାକୁ ହୃଦୟଙ୍ଗମ କରିବା ପ୍ରାରମ୍ଭ କରିଥିଲେ । ସଖୀ କଣ୍ଢେଇ ଭଳି ମନ୍ତ୍ରୀମଣ୍ଡଳ କାମ କରୁ ନଥିଲା ତଥା ଦୁର୍ବଳ ସଂସଦ (ଡୁମା) ଜନ ଆକାଂକ୍ଷାକୁ ସମ୍ପୂର୍ଣ୍ଣ କରିପାରୁନଥିଲା ।

୧୯୧୭ ପର୍ଯ୍ୟନ୍ତ ଋଷ ସାମ୍ରାଜ୍ୟର ଅଧିକାଂଶ ଲୋକ ନିରଙ୍କୁଶ ବର୍ଗକୁ ହଟାଇ ଶାସନ ସେମାନଙ୍କ ହାତକୁ ନେବାପାଇଁ ଚାହୁଁଥିଲେ । ଏହି ପରିପ୍ରେକ୍ଷୀରେ ଖାଦ୍ୟାଭାବ କାରଣରୁ ଏବଂ ମହିଳାମାନଙ୍କୁ ଶୋଭାଯାତ୍ରା ଦ୍ୱାରା ବିପ୍ଳବ ବହ୍ନି ପ୍ରଜ୍ୱଳିତ ହେଲା ଏବଂ ମହିଳାମାନେ ସୈନ୍ୟମାନଙ୍କୁ ଦମନକାରୀ ଜାର୍‌ଙ୍କ ପରିବର୍ତ୍ତେ ସେମାନଙ୍କର ସଂଗ୍ରାମୀ ଭାଇ ଭଉଣୀମାନଙ୍କୁ ସମର୍ଥନ କରିବାପାଇଁ ଆହ୍ୱାନ ଦେଲେ । ଯୁଦ୍ଧରେ ବିମୁଖ ହୋଇଥିବା ସୈନିକମାନେ ମଧ୍ୟ ଆନ୍ଦୋଳନକାରୀମାନଙ୍କ ଉପରେ ଗୋଳାବର୍ଷଣ କଲେ ନାହିଁ ।

କିଛି ଦିନପରେ ଦାବି ଆସିଲା "ସ୍ୱେଚ୍ଛାଚାରୀତା ମୁର୍ଦ୍ଦାବାଦ'' । ରାଜଧାନୀ ସହର ସେଣ୍ଟ ପିଟର୍ସବର୍ଗର ଗଳିଗଳିରେ ଲାଲଝଣ୍ଡାର ପ୍ରଭୁତ୍ୱ ବଳବତ୍ତର ହୋଇଗଲା ତଥା ସାମ୍ରାଜ୍ୟର ସମସ୍ତ ସ୍ଥାନରେ କ୍ରାନ୍ତିର ନାରା ଗୁଞ୍ଜରିତ ହେବାକୁ ଲାଗିଲା । ସ୍ୱେଚ୍ଛାଚାରିତା ଶାସନକୁ ଗାଦିଚ୍ୟୁତ କରି ଏହା ସ୍ଥାନରେ ଅସ୍ଥାୟୀ ସରକାର ଗଢ଼ାଗଲା । ଶ୍ରମିକ ଏବଂ କୃଷକମାନେ ଏହି ପରିବର୍ତ୍ତନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ ତଥା ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀ ଏହାକୁ ସମର୍ଥନ କଲେ । ଏପରିକି ସୈନିକମାନେ ମଧ୍ୟ କ୍ରାନ୍ତିକାରୀଙ୍କ ପକ୍ଷ ନେଲେ । ସେଣ୍ଟପିଟସବର୍ଗର ନାମ ବଦଳାଇ ପେଟ୍ରୋଗ୍ରେଡ କରିଦିଆଗଲା ।

ଏହି ଅସ୍ଥାୟୀ ସରକାର ରାଜନୈତିକ ସ୍ୱାଧୀନତା ପାଇଁ ସର୍ତ୍ତ ରଖିଲେ, ସେଗୁଡିକ ଥିଲା, ସଂଗଠନ ଗଠନର ଅଧିକାର ଏବଂ ବାକ୍‌ସ୍ୱାଧୀନତା, ମାତ୍ର ସେମାନେ ଲୋକଙ୍କୁ କ୍ଷତିକରୁଥିବା ନିତିନିର୍ଦ୍ଧାରଣରେ କୌଣସି ପରିବର୍ତ୍ତନ ଆଣିଲେ ନାହିଁ । କାରଣ ଏହି ସରକାରରେ ଜମିଦାର ଏବଂ ପୁଞ୍ଜିପତିମାନଙ୍କର

ଆଧିପତ୍ୟ ଥିବା ଦଳଗୁଡିକର ପ୍ରଭୁତ୍ୱ ଥିଲା । ସେଥିପାଇଁ ବାଲସେଭିକ ଦଳ ସହିତ ଶ୍ରମିକ, ସୈନିକ ଓ କୃଷକମାନେ ନିଜନିଜର ଆନ୍ଦୋଳନକୁ ଜାରି ରଖିଲେ, ଯେଉଁମାନେ ୧୯୧୭ର ଅକ୍ଟୋବର ବୋଲସେଭିକ ବିପ୍ଳବ ପରାକାଷ୍ଠାରେ ପହଞ୍ଚିଲା ।

୧୯୧୭ରେ ଲୋକମାନଙ୍କର ଆକାଂକ୍ଷା ଅନୁସାରେ ବାଲସେଭିକ ହିଁ ଏକମାତ୍ର ରାଜନୈତିକ ଦଳ ଥିଲା । ସେମାନେ ଯୁଦ୍ଧକୁ ତତ୍‌କାଳ ସମାପ୍ତ କରିବାକୁ ଆହ୍ୱାନ କଲେ । ସେମାନେ କୃଷକମାନଙ୍କ ନିମିତ୍ତ ଜମି, ଉଦ୍ୟୋଗ ଉପରେ ଶ୍ରମିକମାନଙ୍କ ନିୟନ୍ତ୍ରଣ ତଥା ରଷ୍ଟ୍ରମାନଙ୍କର ନାଗରିକତାର ଅଧିକାର ଦାବି କଲେ ? ସମଗ୍ର ରାଷ୍ଟ୍ରର ଶ୍ରମିକ, କୃଷକ ଏବଂ ସୈନିକମାନଙ୍କର ସମସ୍ତ ଜନ ସଂଗଠନରେ ଶାନ୍ତି, ରୋଟୀ, ଭୂମି, ପ୍ରଜାତନ୍ତ୍ର ଇତ୍ୟାଦି ସ୍ଲୋଗାନ ହୋଇଗଲା ତଥା ବୋଲସେଭିକମାନେ ଏହି ସଂଗଠନରେ ବହୁମତ ପ୍ରାପ୍ତ ହେବା କାରଣରୁ ସେମାନେ ଏହାର ନେତୃତ୍ୱ ଗ୍ରହଣ କଲେ । ଅକ୍ଟୋବର ୧୯୧୭ର କ୍ରାନ୍ତି ଏପରି ଭାବରେ ଏକ ଲୋକପ୍ରିୟ ଆଧାର ଉପରେ ପର୍ଯ୍ୟବେଶିତ ଥିଲା । ଏହା ସରଳ ଭାବରେ କାମଚଳା ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଏକ ସାମରିକ ସଫଳ ଆୟୋଜନ ନଥିଲା । ତୁମର ମଧ୍ୟ ସ୍ମରଣ କରିବା ଉଚିତ ଯେ ଯଦିଚ ଏହା ଅକ୍ଟୋବର ବିପ୍ଳବ ବୋଲି ପରିଚିତ ଥିଲା, ଏହା ନଭେମ୍ବର ୭ରେ ଯଥାବିଧି , ୧୯୧୭ରେ ସଂଗଠିତ ହୋଇଥିଲା ଏବଂ ନଭେମ୍ବର ୭ରେ ପାଳିତ ହୋଇଥିଲା, କାରଣ ବିପ୍ଳବପରେ ରୁଷିଆ ଆନ୍ତର୍ଜାତିକ କ୍ୟାଲେଣ୍ଡର ଅନୁସରଣ କରିଥିଲା । ଏହା ପୂର୍ବରୁ ଋଷ ତା ନିଜର ପଞ୍ଜିକା ଅନୁସରଣ କରୁଥିଲା ଯାହାକି ଆନ୍ତର୍ଜାତିକ ପଞ୍ଜିକାଠାରୁ ଦଶଦିନ ପଛୁଆ ଥିଲା ।

## ୨୩.୧୧ ଏହି ବିପ୍ଳବର ନୀତି ଏବଂ ପ୍ରଭାବ :

କ୍ରାନ୍ତିକାରୀ ଋଷ କେବଳ ଋଷରେ ପ୍ରଚଳିତ ଜାର ଶାସନ ସମ୍ପର୍କିତ ନୀତିଗୁଡିକ ପରିବର୍ତ୍ତନ କରିଥିଲା ତାହା ନୁହେଁ ଏହା ସହିତ ଆହୁରି ଅନେକ କାର୍ଯ୍ୟ କରିଥିଲା ଯାହା ୟୁରୋପର ପୁଞ୍ଜିବାଦୀ ରାଷ୍ଟ୍ର କେତେକ ସଠିକ୍ ଏବଂ ଭିନ୍ନ ଯୁକ୍ତିଯୁକ୍ତ ନୀତିଗୁଡିକର ମଧ୍ୟ ପରିବର୍ତ୍ତନ କରିଥିଲେ । ଏହାର ନୀତିଗୁଡିକ ଋଷରେ ସାମ୍ୟବାଦର ମୂଳଦୁଆ ସ୍ଥାପନ କରିଥିଲା ଏହାର ପ୍ରଥମ କାର୍ଯ୍ୟପନ୍ଥା ଥିଲା ଯୁଦ୍ଧରୁ ଓହରିଯିବା କାରଣ ଏହା ଭଲଭାବରେ ଜଣାଥିଲା ଯେ ଲୋକମାନେ ଯୁଦ୍ଧରେ ଥକି ପଡିଥିଲେ ଏବଂ ସେମାନେ ଶାନ୍ତି ଚାହୁଁଥିଲେ ଏବଂ ଜାଣିଥିଲେ ଯେ ଯୁଦ୍ଧ କୌଣସି ରାଷ୍ଟ୍ରର ଲୋକମାନଙ୍କର ହିତ ପାଇଁ ନୁହେଁ ।

ବୋଲସେଭିକମାନେ ଉତ୍ପାଦନ ପ୍ରକ୍ରିୟାରେ ବ୍ୟକ୍ତିଗତ ସମ୍ପତ୍ତିକୁ ଉଚ୍ଛେଦ କଲେ ଯଥା ଭୂମି, କାରଖାନା ଏବଂ ବ୍ୟାଙ୍କ ଇତ୍ୟାଦି । ପରେ ସେଗୁଡିକୁ ଜାତୀୟକରଣ କରାଗଲା ଏବଂ ସେଗୁଡିକ ରାଜ୍ୟ ସମ୍ପତ୍ତି ହୋଇଗଲା । ଏହାର ଅର୍ଥ ହେଲା ସେମାନେ ଅନ୍ୟର ଶ୍ରମକୁ ଶୋଷଣ କରିପୋରିବେ ନାହିଁ ତଥା ନିଜର ଘରୋଇ ଲାଭ ପ୍ରାପ୍ତି କରିପାରିବେ ନାହିଁ । ଶ୍ରମିକସଂଗଠନ ଗୁଡିକ ନିର୍ଣ୍ଣାୟକ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କଲେ ।

ନଭେମ୍ବର ୧୯୧୭ର ଭୂମି ଆଇନ୍ ମାଧ୍ୟମରେ ଜମିଦାରିପ୍ରଥାର ଉଚ୍ଛେଦ ହୋଇଥିଲା ଏବଂ ଜମି କୃଷକମାନଙ୍କୁ ବଂଶାନୁକ୍ରମିକ ଭୋଗ କରିବାପାଇଁ ପ୍ରଦାନ କରାଗଲା । କୃଷକମାନେ ଜମିକୁ ବିକ୍ରୀ କିମ୍ବା ବନ୍ଧକ ଦେଇପାରିବେ ନାହିଁ । କିମ୍ବା ଅନ୍ୟର ଶ୍ରମକୁ ଶୋଷଣ କରିବା ପାଇଁ ସେମାନେ ସେମାନଙ୍କ ଜମିର ଉପଯୋଗ କରିପାରିବେ ନାହିଁ । ଏବଂ ସେମାନେ ଶ୍ରମର ଫଳ ଏବଂ ଜମିର ଉତ୍ପାଦନକୁ ସମ୍ପୂର୍ଣ୍ଣ ଭାବରେ ଉପଭୋଗ କରିପାରୁଥିଲେ । କୌଣସି ପ୍ରକାରରେ ସେମାନେ ପୂର୍ବ ଭୂମିମାଲିକ ଉପରେ ନିର୍ଭର କଲେନାହିଁ, ଫଳରେ ଭୂମିମାଲିକମାନଙ୍କର ଗ୍ରାମ୍ୟ ଅର୍ଥନୀତି ଓ ସମାଜ ଉପରେ ଥିବା କ୍ଷମତାର ପରିସମାପ୍ତି ହୋଇଯାଇଥିଲା ।





**ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଋଷ ବିପ୍ଳବ :**

ଉକ୍ତ ପଦକ୍ଷେପଗୁଡିକର ଅର୍ଥ ହେଲା ଯେ ଋଷିଆର ଲୋକମାନେ ଦେଶର ସଂସାଧନ ଏବଂ ଅର୍ଥବ୍ୟବସ୍ଥାରେ ସମାନ ଭାବରେ ଆଭାନ୍ୱିତ ହୋଇଥିଲେ । ସମସ୍ତ ଭାଗ ଓ ବର୍ଗର ଲୋକଙ୍କ ସୁବିଧା ନିମିତ୍ତ କେନ୍ଦ୍ରୀୟ ସ୍ତରରେ ଯୋଜନା କରିବା ଏବେ ସମ୍ଭବ ହୋଇଗଲା । କେନ୍ଦ୍ରୀକୃତ ଯୋଜନା କରିବାର ଏହି ପ୍ରଣାଳୀ ଗୁରୁତ୍ତ୍ୱପୂର୍ଣ୍ଣ ବୋଲି ଦୃଷ୍ଟିଗୋଚର ହେଲା । ତେଣୁ ଭାରତ ସହିତ କେତେକ ରାଷ୍ଟ୍ରଦ୍ୱାରା ଏହାକୁ ଅବଲମ୍ୱନ କରିଥିଲେ ।

ସମସ୍ତଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା, ସମସ୍ତଙ୍କୁ ନିଃଶୁଳ୍କ ତଥା ସମାନ ଶିକ୍ଷା, ବେକାରୀ ଭତ୍ତା, ସଂସ୍କୃତି ଓ ସାଂସ୍କୃତିକ ପ୍ରଗତୀ ନିମିତ୍ତ ସମାନ ପ୍ରବେଶ ଅଧିକାର ଇତ୍ୟାଦି ନୂତନ ସମ୍ବିଧାନରେ ପ୍ରତିଶୃତିବଦ୍ଧ ହୋଇଥିଲା । ଏଗୁଡିକ ମଧ୍ୟରୁ ସମସ୍ତ ସୁବିଧା ତତ୍‌କ୍ଷଣାତ୍ ଉପଲବ୍ଧ ହୋଇନଥିଲା, ମାତ୍ର ସମସ୍ତଙ୍କପାଇଁ ଏ ସମସ୍ତ ଅଧିକାର ପ୍ରଦାନକରି ନୂତନ ଶାସକବର୍ଗ ସେମାନଙ୍କର ନୀତି ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କଲେ । ଅନ୍ୟରଷ୍ଟ୍ର ତୁଳନାରେ ମଧ୍ୟମ ଶ୍ରେଣୀରେ କାର୍ଯ୍ୟକରୁଥିବା ଲୋକ ତଥା କୃଷକ ଏବଂ କାରଖାନାରେ କାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ ଥିବା ଦରମା ତଥା ସୁବିଧା ସୁଯୋଗ ମଧ୍ୟରେ ତଫାତ ଅତ୍ୟନ୍ତ ନ୍ୟୁନ ଥିଲା । ଯାହାକି ରଷ୍ଟ୍ର ଦ୍ୱାରା ପ୍ରଦାନ କରାଯାଉଥିଲା । ଜୀବନର ଅର୍ଥ କେବଳ ବ୍ୟକ୍ତି କେତେ ଅର୍ଥ ଦେଇପାରେ ତାହା ଉପରେ ନିର୍ଭର କରୁନଥିଲା କାରଣ ଅନେକ ଜିନିଷ ପାଇଁ ଅର୍ଥପ୍ରଦାନ କରିବାକୁ ପଡୁନଥିଲା ।

ମହିଳାମାନେ ସେତେବେଳେ ପୁରାପୁରି ସମାନ ବୋଲି ବିବେଚିତ ହେଉନଥିଲେ । ସେମାନଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ସମାନଭାବରେ ଯୋଗଦାନ ନିମିତ୍ତ କେତେକ ପଦକ୍ଷେପ ନିଆଯାଉଥିଲା । ମାତୃତ୍ୱ ଛୁଟି, ସର୍ବସାଧାରଣ କ୍ୟାଣ୍ଟିନ, କର୍ମକ୍ଷେତ୍ରରେ ବିନାମୂଲ୍ୟରେ ଶିଶୁମାନଙ୍କ ଦେଖାଶୁଣା ଗୃହ ଇତ୍ୟାଦି ।

ସେମାନେ ସେମାନଙ୍କର ରାଜ୍ୟକୁ "ଶ୍ରମିକ ଶ୍ରେଣୀର ସ୍ୱେଚ୍ଛାଚାରିତା" ବୋଲି ବିବେଚନା କରୁଥିଲେ, କାରଣ କର୍ମଜୀବି ସାଧାରଣ ଲୋକ ଏବଂ ସେମାନଙ୍କର ମଙ୍ଗଳ ଆଦି ବର୍ତ୍ତମାନର ରାଜନୀତି ଓ କାର୍ଯ୍ୟସରଣୀର ଭିତ୍ତି ହୋଇଥିଲା ।

ନୂତନ ଶାସନ ପ୍ରଣାଳୀ ଔପନିବେଶିକ ଶାସନ ବିରୁଦ୍ଧରେ ସ୍ୱାଧିନତା ସଂଗ୍ରାମକୁ ନୈତିକ ତଥା ଭୌତିକ ସହାୟତା ପ୍ରଦାନ କରିଥିଲା, ଏବଂ ସମସ୍ତ ଜାତୀୟତାମାନଙ୍କୁ ନିଜ ନିଜର ଭବିଷ୍ୟ ନିର୍ଦ୍ଧାରଣ କରିବା ଅଧିକାର ମାନ୍ୟତା ପ୍ରଦାନ କଲା । ଏହି କାରଣରୁ ସମସ୍ତ ଏସିୟ ଦେଶମାନଙ୍କରେ ଋଷ କ୍ରାନ୍ତିର ପ୍ରଶଂସା କରାଗଲା ତଥା ସମ୍ପୂର୍ଣ୍ଣ ବିଶ୍ୱର ଜନସାଧାରଣ ଏଥିରେ ଅନୁପ୍ରାଣିତ ହେଲେ । ଚୀନ ଓ ଭାରତ ବହୁଳ ଭାବରେ ଋଷ ବିପ୍ଳବ ଦ୍ୱାରା ପ୍ରଭାବିତ ହୋଇଥିଲା । ଏହା ଦ୍ୱାରା ସାମ୍ୟବାଦୀ ବିଚାରଧାରା ଗୁଡିକର ପ୍ରଚାର ହୋଇଥିଲା ।

ଭାରତର ରାଷ୍ଟ୍ରୀୟ ନେତାମାନେ ରାଜନୈତିକ ସଂଘର୍ଷରେ କୃଷକ ଏବଂ ଶ୍ରମିକ ମାନଙ୍କର ହସ୍ତକ୍ଷେପର ମହତ୍ତ୍ୱକୁ ବୁଝିଲେ । ଭାରତୀୟ ଜନସାଧାରଣ ଅନୁଭବ କଲେ ଯେ ଋଷରେ 'କୃଷକ ଶ୍ରମିକ ରାଜ'ର ସ୍ଥାପନ କରାଯାଇଛି । ଅତଏବ ୧୯୨୦ ଦଶକରେ ଶ୍ରମିକ ଏବଂ କୃଷକମାନଙ୍କ ସଂଗଠନ ସୃଷ୍ଟି ହୋଇଥିଲା ଯାହାକି ସର୍ବଭାରତୀୟ ଟ୍ରେଡ୍ ୟୁନିୟନ୍ କଂଗ୍ରେସ ନାମରେ ପରିଚିତ ହେଲା । ଏହାଦ୍ୱାରା ଶ୍ରମିକଓ ଚାଷିମାନଙ୍କୁ ସଂଗଠିତ କରିବାରେ ମୁଖ୍ୟ ସଂଗଠିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ତଥାପି ସାମ୍ରାଜ୍ୟବାଦୀ ରାଷ୍ଟ୍ରଗୁଡିକ ଏହି କ୍ରାନ୍ତିକୁ ବିରୋଧ କଲେ ତଥା ସେମାନେ ନୂତନ ବୋଲସେଭିକ ଶାସନ ପ୍ରଣାଳୀକୁ ପରାଜିତ କରିବା ପାଇଁ ସେମାନଙ୍କର ସୈନ୍ୟ ପ୍ରେରଣ କଲେ । ସେମାନେ ଏଥିରେ

ଟିପ୍ପଣୀ

ସଫଳ ହେଲେ ନାହିଁ ତଥା ନୂତନ କ୍ରାନ୍ତିକାରୀ ଶାସନ ପ୍ରଣାଳୀ ମୁଖ୍ୟତଃ ଲୋକମାନଙ୍କର ଆତ୍ମବଳିଦାନ କାରଣରୁ ବଞ୍ଚିରହିଥିଲା ।ରଷ କ୍ରାନ୍ତି ଏବଂ ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତିପରେ ରଷ ଏବଂ ୟୁରୋପରେ କ'ଣ ହେଲା ଏହା ଏକ ଭିନ୍ନ କାହାଣୀ, ଯାହା ସମ୍ପର୍କରେ ତୁମେ ପରବର୍ତ୍ତି ପାଠରେ ପଢିବ ।

### ପାଠଗତ ପ୍ରଶ୍ନ

୧. ଏହି କ୍ରାନ୍ତି ପୂର୍ବରୁ ରଷରେ କେଉଁ ରାଜନୈତିକ ପ୍ରଣାଳୀ ଥିଲା ?

..............................................................................................

୨. ୧୯୧୭ ରଷ କ୍ରାନ୍ତିର ଅନ୍ୟ କେଉଁନାମରେ ଜଣା ଥିଲା ?

..............................................................................................

୩. ଜାର୍‌ଙ୍କର ସମକାଳିନ ମହତ୍ୱପୂର୍ଣ୍ଣ ରାଜନୈତିକ ସମୁହର ନାମ ଲେଖନ୍ତୁ ।

..............................................................................................

୪. ସ୍ୱ ସମ୍ପତ୍ତି ସମାପ୍ତିର ଅର୍ଥକଣ ?

..............................................................................................

### ତୁମେ କଣ ଶିଖିଲ

ପ୍ରଥମ ବିଶ୍ୱଯୁଦ୍ଧ ଇତିହାସରେ ପୂର୍ବଯୁଦ୍ଧ ମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନଥିଲା, କାରଣ ଏହାର ହିଂସା ଏବଂ କଷ୍ଟପାଇଁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିଲା । ଯୁଦ୍ଧରେ ନୂତନ ପ୍ରୌଦ୍ୟୋଗିକ ଗୁଡିକର ଉପଯୋଗ କରାଗଲା, ଯାହା ପୂର୍ବରୁ ଦେଖା ଦେଇନଥିଲା ଏବଂ ଏହାର ପ୍ରଭାବ ଜୀବନର ସମସ୍ତ ଅଙ୍ଗ ଉପରେ ପଡିଥିଲା । ଏହି ଯୁଦ୍ଧ ତତ୍‌କ୍ଷଣାତ ତଥା ଦୀର୍ଘ ଅବଧିର କାରଣ ଥିଲା । ଉପନିବେଷ ପାଇଁ ଦୌଡ ତଥା ବିଶ୍ୱର ସଂସଧନ ଉପରେ ନିୟନ୍ତ୍ରିତ ପ୍ରମୁଖ କାରଣମାନ ଥିଲା । ଯୁଦ୍ଧ ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ଚାଲିଥିଲା । ଏହାର ସମାପ୍ତି ପୂର୍ବରୁ ୧୯୧୭ରେ ରଷର କ୍ରାନ୍ତି ହୋଇସାରିଥିଲା । ରଷର କ୍ରାନ୍ତି ଯୁଦ୍ଧର ଚାପ ତଥା ରଷ ସମାଜରେ ଚାଲିଥିବା ସଂଘର୍ଷ କାରଣରୁ ଆସିଥିଲା । ଏହା ଇତିହାସର ପ୍ରଥମ ସାମ୍ୟବାଦୀ କ୍ରାନ୍ତିଥିଲା ।

ଏହାର ତିନୋଟି ସୋପାନ ଥିଲା :୧୯୦୫ ର କ୍ରାନ୍ତି ଜାହା ଅସଫଳ ରହିଲା; ଫେବୃୟାରୀ ୧୯୧୭ କ୍ରାନ୍ତିର ପରିଣାମ ସ୍ୱରୁପ ଅଭିଯାତ ବର୍ଗର ସମାପ୍ତି ; ଏବଂ ଅକ୍ଟୋବର ୧୯୧୭ କ୍ରାନ୍ତି ଜାହାର ନେତୃତ୍ୱ ବଲସେଭିକମାନେ ନେଇଥିଲେ । ଏଥିରେ ସମ୍ୟବାଦୀ ରାଷ୍ଟ୍ରର ସ୍ଥାପନା ହେଲା ।

ଏହି କ୍ରାନ୍ତି ସାମାଜିକ ନ୍ୟାୟ ଉପରେ ଆଧାରିତ ନୂତନ ସାମାଜିକ ଏବଂ ରାଜନୈତିକ ପ୍ରଣାଳୀ ପ୍ରସ୍ତୁତ କଲା । ନିଜର ରାଷ୍ଟ୍ରୀୟ ସ୍ୱତନ୍ତ୍ରତା ପାଇଁ ସଂଘର୍ଷ ହେଉଥିବା ରାଷ୍ଟ୍ରମାନଙ୍କ ସହିତ ଶେଷ ବିଶ୍ୱଉପରେ ଏହାର ଅତ୍ୟଧିକ ପ୍ରଭାବ ପଡିଲା ।

### ପାଠାନ୍ତ ପ୍ରଶ୍ନ :

୧. ଜାରକ ସମୟର ରଷର ରାଜନୈତିକ ପ୍ରଣାଳୀ ଗୁଡିକ ଉଲ୍ଲେଖ କରନ୍ତୁ ? କୃଷକ ଅଭିଜାତ ବର୍ଗ ଉପରେ କାହିଁକି ଅସନ୍ତୁଷ୍ଟ ଥିଲେ ?



ଟିପ୍ପଣୀ

୨. କାହିଁକି ବିଭିନ୍ନ ଜାତୀୟବାଦୀମାନେ ବିଦ୍ରୋହ କଲେ ?

୩. ୧୯୦୫ ବିଦ୍ରୋହର ଗୁରୁତ୍ୱ କାହିଁକି ?

୪. ରଷରେ ଫେବୃୟାରୀ ୧୯୧୭ରେ କ'ଣ ହେଲା ?

୫. ବଲସେଭିକମାନଙ୍କ ଦ୍ୱାରାନିଆ ହୋଇଥିବା ମୁଖ୍ୟ ପରିବର୍ତ୍ତନ ସମ୍ବନ୍ଧରେ ଲେଖନ୍ତୁ । କ'ଣ ଆପଣ ବୁଝୁଛନ୍ତିକି ଏହା ରଷ ଜନସାଧାରଣଙ୍କ ହିତପାଇଁ ଥିଲା ?

୬. ଭାରତ ଉପରେ ଏହି କ୍ରାନ୍ତିର ପ୍ରଭାବ ସମ୍ବନ୍ଧରେ ଲେଖନ୍ତୁ ?

## ପାଠଗତ ପ୍ରଶ୍ନର ଉତ୍ତର:

୧. ଉଡାଜାହାଜ, ଓ ଟ୍ୟାଙ୍କ ଏବଂ ବୁଡାଜାହାଜ

୨. ତ୍ରିପକ୍ଷୀୟ ସନ୍ଧି, ତ୍ରିପକ୍ଷୀୟ ସହଯୋଗ

୩. ୧୦ ଲକ୍ଷ ମୃତ, ୨୦ଲକ୍ଷ ଆହତ, ଲକ୍ଷଲକ୍ଷ ଶରଣାର୍ଥୀ ହୋଇଗଲେ.

୪. ବ୍ରିଟେନ

**୨୩.୨**

୧. ଏକଛତ୍ର ଶାସନ

୨. ବଲସେଭିକ କ୍ରାନ୍ତି

୩. ସାମାଜିକ ଲୋକ ତନ୍ତ୍ରବାଦୀ, ଉଦାରବାଦୀ କ୍ରାନ୍ତିକାରୀ.

୪. ଉତ୍ପାଦନର ପନ୍ଥାରାଷ୍ଟ୍ରର ପ୍ରଭୁତ୍ୱ ଥିଲା.

**ଶବ୍ଦାବଳୀ:**

୧. ନିରଙ୍କୁଶତା : ନିରଙ୍କୁଶ ଏପରି ରାଜନୈତିକ ପ୍ରଣାଳୀ ଯେଉଁଥିରେ ରାଜା ଶାସନ କରନ୍ତି, ଜାହାଙ୍କ ପାଖରେ ସମସ୍ତ ଶକ୍ତି ରହିଥାଏ ଏବଂ ଯେଉଁଥିରେ ଏପରି କେତେକ ପ୍ରଭାବଶାଳୀ ପ୍ରତିନିଧି ସଂସ୍ଥାନ ହୋଇନଥାଏ ଜାହା ରାଜନୈତିକ ଶକ୍ତିରେ ଭାଗିଦାର କରି ହେବ ।

୨. ସାମାଜିକ ଲୋକତନ୍ତ୍ର : ଜାହାର ଏପରି ଅର୍ଥ ଯେ କେବଳ ରାଜନୈତିକ ଏବଂ ବିଧି ସମାନତାହିଁ ପର୍ଯ୍ୟାପ୍ତ ନୁହେଁ, ପରନ୍ତୁ ଆର୍ଥିକ ଏବଂ ସାମାଜିକ ସମାନତାହିଁ ହେବା ଉଚିତ୍ । ଅତଏବ ସେମାନେ ସାମ୍ୟବାଦରେ ବିଶ୍ୱାସ ରଖୁଥିଲେ ।

୩. ପୁଞ୍ଜିବାଦ : ନିଜର ସମ୍ପତ୍ତି ଏବଂ ବଜାର ଉପରେ ଅଧିକାର ଉପରେ ଆଧାରିତ ପ୍ରଣାଳୀ ଅଟେ ଏବଂ ଏଥିରେ ନିଜର ଲାଭ ମଧ୍ୟ ହୋଇଥାଏ । ଏହାର ସମ୍ପତ୍ତିର ପ୍ରଭୁ ଏଥିରେ କାମ କରୁଥିବା ଶ୍ରମିକ ମାନଙ୍କର ଶୋଷଣରେ ନିଜର ଲାଭ ପ୍ରାପ୍ତି କରେ ।

୪. ସାମ୍ୟବାଦ : ଏପରି ପ୍ରଣାଳୀ, ଜେଉଁଥିରେ ଉତ୍ପାଦନର ସାଧନ ଉପରେ ରାଷ୍ଟ୍ରର ପ୍ରଭୁତ୍ୱ ହୋଇଥାଏ, ଫଳରେ ଶ୍ରମ କରୁଥିବା ଶ୍ରମିକ ମାନଙ୍କର କିଛି ଲୋକଙ୍କର ନିଜର ଲାଭ ନିର୍ମିତ୍ତ ଶୋଷଣ କରାଯାଇ ପାରିବ ନାହିଁ ।..ଏବଂ ଏଥିରେ ଏପରି ରାଜନୈତିକ ପ୍ରଣାଳୀ ହୋଇଥାଏ, ଜେଉଁଥିରେ ଶ୍ରମିକ ମାନଙ୍କର ହିତ ପୂର୍ବରୁ ଧ୍ୟାନ ରଖାଜାଇଥାଏ ।